# ସର୍ଦ୍ଦାର ରେଣ୍ଡୋ ମାଝି



**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ସର୍ଦ୍ଦାର ରେଣ୍ଡୋ ମାଝି


ନିର୍ଦ୍ଦେଶନା:

ଡଃ ଅନନ୍ତ ଚରଣ ସାହୁ

ତଥ୍ୟ ସଂଗ୍ରହ :

ଶ୍ରୀ ନୃସିଂହ ଚରଣ ପାତ୍ର

ଶ୍ରୀ ବେଗନାଥ ମାଝୀ

ଶ୍ରୀ ରାଘବ ପାତ୍ର

ଶ୍ରୀ ଦେବୀପ୍ରସାଦ ଦାସ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ସର୍ଦ୍ଦାର ରେଣ୍ଡୋ ମାଝୀ


© ପ୍ରକାଶକ : ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ଜାନୁୟାରୀ, ୨୦୦୭

ମୁଦ୍ରଣ : ଭୋଲାନାଥ ପ୍ରେସ୍
୧୨୦୧/୧୬୦୧
ବମିଖାଲ, ଭୁବନେଶ୍ୱର -୭୫୧୦୧୦

ମୂଲ୍ୟ : ୧୮.୦୦ ଟଙ୍କା ମାତ୍ର


**SARDAR RENDO MAJHI**


**© *Publisher*** : Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

***First Edition*** : January,2007

***Printed at*** : Bholanath Press
1201/1601, Bomikhal,
Bhubaneswar-751010

***Price*** : Rs. 18.00 Only

# ମୁଖବନ୍ଧ

ଜନମାନସର ଅଗୋଚରରେ ରହିଥିବା ଓଡ଼ିଶାର କୃତି ଆଦିବାସୀ ସନ୍ତାନମାନଙ୍କ ଉପରେ ଅଧ୍ୟୟନ କରି ତଥ୍ୟ ସଂଗ୍ରହ ପୂର୍ବକ ସେମାନଙ୍କୁ ଜନମାନସରେ ପରିଚିତ କରାଇବା ପାଇଁ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପ୍ରୟାସରତ । ଆଦିବାସୀମାନେ ସ୍ୱଭାବତଃ ସ୍ୱଭିମାନୀ ଏବଂ ପ୍ରଚାରବିମୁଖ । ଦେଶ ମାତୃକା ପାଇଁ ଯେତେ ସବୁ ସଶସ୍ତ୍ର ସଂଗ୍ରାମ ହୋଇଛି ତା'ର ମୂଳ ସୂତ୍ରଧର ଆଦିବାସୀମାନେ ହୋଇଥିଲେ ମଧ୍ୟ ଇତିହାସ ସେମାନଙ୍କ ସପକ୍ଷରେ ନୀରବ । ଯୁଗେ ଯୁଗେ ସେମାନଙ୍କୁ ଉନ୍ନାସିକ ମନୋଭାବ ନେଇ ତଥାକଥିତ ସମାଜ ଦେଖିଆସିଛି । ସେଥିପାଇଁ ଆଦିବାସୀ ଜୀବନ ସଂଗ୍ରାମର କାହାଣୀ ଆଜି ମଧ୍ୟ ଅନାଲୋଚିତ ଓ ଉପେକ୍ଷିତ । ଯଦିବା କେଉଁଠି କ୍ୱଚିତ୍ ଚର୍ଚ୍ଚାର ପରିସରକୁ ଆସୁଛି, ତାହା ତଥାକଥିତ ଉଦ୍ଭଟ ମାନସିକତାର ନିକିତିରେ ତଉଲା ଯାଉଛି । ସରଳ, ନିଷ୍କପଟ, ସ୍ୱାଭିମାନୀ ପ୍ରଖର ଭିରୁ ଚରିତ୍ରଟି ରହିଯାଇଛି ଲୋକଲୋଚନର ଆଢୁଆଳରେ । କଳାହାଣ୍ଡି ମାଟିର କନ୍ଧ ସର୍ଦ୍ଦାର ରେଣ୍ଡୋ ମାଝୀଙ୍କ ଜୀବନାଲେଖ୍ୟ ମଧ୍ୟ ସେହି ଧାରାରେ ଗଢି ଆସିଛି ।

ରେଣ୍ଡୋ ମାଝୀ-ସାମାଜିକ ଓ ସାଂସ୍କୃତିକ ବିପ୍ଳବର ପ୍ରଥମ ପିଢିର ଦାୟାଦ । ସାଂସ୍କୃତିକ ବିବର୍ତ୍ତନର ଦ୍ୱାର ଦେଶରେ ଅବତୀର୍ଣ୍ଣ ହୋଇଥିବା ଜଣେ ସଦା ଜାଗ୍ରତ ସେନାପତି । ବ୍ରିଟିଶ୍ ରାଜତ୍ୱ ସମୟରେ ଇଂରେଜ କର୍ତ୍ତୃକ ପ୍ରଶାସନିକ ସଂସ୍କାର ଆନୟନ ଫଳରେ ସଂସ୍କୃତି ସଚେତନ କନ୍ଧ ଗୋଷ୍ଠୀଙ୍କ ବିପ୍ଳବ ଏକ ରକ୍ତ ରଞ୍ଜିତ ଇତିହାସ । ଘୁମୁସର କନ୍ଧ ମେଳି ସମୟରେ ମଦନପୁର-ରାମପୁର, ଲୁଦେନଗଡ଼ ଅଞ୍ଚଳର କନ୍ଧ ସମାଜର ପ୍ରତିନିଧିତ୍ୱ କରି ପରାକ୍ରମୀ ଇଂରେଜ ସେନା ସମ୍ମୁଖରେ ସାହସର ସହିତ ଲଢେଇ କରି ମା' ମାଟି ପାଇଁ ଶହୀଦ ହେବା ସର୍ଦ୍ଦାର ରେଣ୍ଡୋ ମାଝୀଙ୍କର ବିରଳ ବ୍ୟକ୍ତିତ୍ୱ । ଜୀବନକୁ ଭଲ ପାଇବା, ଗାଁକୁ ଭଲପାଇବା, ସମାଜକୁ ଭଲପାଇବା, ଜନ୍ମମାଟିକୁ ଭଲପାଇବା, ନିଜ ଜାତି ତଥା ଦେଶ ମାତୃକାକୁ ଭଲ ପାଇବା ଖୁବ୍ କ୍ୱଚିତ ଲୋକଙ୍କ ପାଖରେ ଦେଖାଦିଏ । ଏହିପରି ଏକ ବିରଳ

ପୌରୁଷର ଅଧିକାରୀ ରେଣ୍ଡୋ ମାଝୀ, ଯିଏକି କନ୍ଧ ସମାଜର ଆବହମାନ କାଳରୁ ପ୍ରଚଳିତ ସାମଜିକ-ସାଂସ୍କୃତିକ ପରମ୍ପରାର ସୁରକ୍ଷା ପାଇଁ ଆତ୍ମୋତ୍ସର୍ଗ କରିଥିଲେ ।

ପରିବର୍ତ୍ତନ ପ୍ରଗତିର ଲକ୍ଷଣ । କିନ୍ତୁ ଯଦି ସେହି ପରିବର୍ତ୍ତନ ସ୍ୱତଃପ୍ରବୃତ୍ତ ତଥା ସମ୍ମତିସୂଚକ କାର୍ଯ୍ୟଧାରାରେ ସୁଧାର ଆଣେ, ତେବେ ତାହା ସର୍ବଜନାବୃତ ହୋଇଥାଏ । ଯୋର ଜବରଦସ୍ତ ଅନ୍ୟ ଏକ ସାଂସ୍କୃତିକ ପରିକଳ୍ପନାକୁ ଲଦି ଦିଆଗଲେ ପରମ୍ପରାପ୍ରେମୀ ମଣିଷ ବିଦ୍ରୋହୀ ସାଜିବା ସ୍ୱାଭାବିକ । ଏହା ହିଁ ଘଟିଥିଲା ରେଣ୍ଡୋ ମାଝୀଙ୍କ କ୍ଷେତ୍ରରେ । ସର୍ଦ୍ଦାର ରେଣ୍ଡୋ ମାଝୀଙ୍କ ଜୀବନାଲେଖ୍ୟ ଲୋକଲୋଚନାର ଆଗୋଚରେ ରହିଯାଇଥିଲା । ଏହାର ଆବଶ୍ୟକତାକୁ ନେଇ ଏକାଡେ଼ମୀ ଏକ ପ୍ରାଥମିକ ପ୍ରୟାସ ମାତ୍ର କରିଛି । ରେଣ୍ଡୋ ମାଝୀଙ୍କ କର୍ମମୟ ଜୀବନ ଉପରେ ଏକ ପୁସ୍ତିକା ସଂକଳନର ଆବଶ୍ୟକତା ନେଇ ପୂର୍ବତନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ତଥା ନର୍ଲା ବିଧାୟକ ଶ୍ରୀଯୁକ୍ତ ବଳଭଦ୍ର ମାଝୀଙ୍କ ପ୍ରଚ୍ଛନ୍ନ ଉଦ୍ୟମ କ୍ରମେ ରେଣ୍ଡୋ ମାଝୀଙ୍କ ଉପରେ ପୁସ୍ତିକା ଲେଖିବା ନିମନ୍ତେ ପଦକ୍ଷେପ ନିଆଯାଇଥିଲା । ତାଙ୍କରି ପ୍ରେରଣା ଓ ଉତ୍ସାହ ଯୋଗୁଁ ଏହି ପୁସ୍ତିକା ଲୋକଲୋଚନକୁ ଆସିପାରିଛି । ଏଥି ନିମନ୍ତେ ଏକାଡେମୀ ଶ୍ରୀଯୁକ୍ତ ମାଝୀଙ୍କ ନିକଟରେ କୃତଜ୍ଞ । ତଥ୍ୟ ସଂଗ୍ରହ କାଳରେ ଉର୍ଲାଦାନୀର ରେଣ୍ଡୋ ମାଝୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରାଘବ ପାତ୍ର, ଶ୍ରୀ ନୃସିଂହ ଚରଣ ପାତ୍ର ଓ ଶ୍ରୀ ବେଗନାଥ ମାଝୀ ଓ ଶ୍ରୀ ଦେବୀପ୍ରସାଦ ଦାସଙ୍କ ଶ୍ରମ ସ୍ୱୀକୃତ । ଏତଦ୍‌ବ୍ୟତୀତ ତଥ୍ୟ ସଂଗ୍ରହ କାଳରେ ବିଭିନ୍ନ ପ୍ରାବନ୍ଧିକଙ୍କ ଦ୍ୱାରା ବିଭିନ୍ନ ସମୟରେ ପ୍ରକାଶିତ ପତ୍ର ପତ୍ରିକାର ଅଂଶବିଶେଷ, ବନବାସୀ କଲ୍ୟାଣ ଆଶ୍ରମ, ସେବାଜଗତ ଏବଂ ରେଣ୍ଡୋ ମାଝୀ ସ୍ମୃତି କମିଟି, ଉର୍ଲାଦାନୀର କର୍ମକର୍ତ୍ତାଙ୍କ ସହଯୋଗ କ୍ରମେ ଏହି ପୁସ୍ତିକା ସଂକଳନ ସମ୍ଭବ ହୋଇପାରିଛି । ଜଣେ ଅନାଲୋଚିତ ସଂଗ୍ରାମୀଙ୍କର ଚର୍ଚ୍ଚାର ପରିସର ଏହି ପୁସ୍ତିକାଠାରୁ ଆରମ୍ଭ ହେବ ବୋଲି ଆଶା ଓ ବିଶ୍ୱାସ ।


ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ

# ଉପକ୍ରମଣିକା

ଭାରତ ବର୍ଷ, ବିଶ୍ୱ ମାନଚିତ୍ରରେ ମାନବ ସଭ୍ୟତାର ଏକ ପ୍ରୟୋଗଶାଳା ଭାବେ ଯୁଗ ଯୁଗରୁ ସ୍ୱାକ୍ଷର ବହନ କରି ଆସିଛି । ପୁରାଣ କଥନୀକା ହେଉବା ଇତିହାସ ହେଉ, ପ୍ରତ୍ୟେକ ଆଖ୍ୟାୟିକାକୁ ବିଶ୍ଳେଷଣ କଲେ ଅଣ-ଆର୍ଯ୍ୟ ସଂସ୍କୃତି ଓ ସଭ୍ୟତା ସୂଚାଇ ଦିଏ ଭାରତ ବର୍ଷର ମୂଳ ଅଧିବାସୀ ପରବର୍ତ୍ତୀ ସମୟରେ "ମୂଳ ଅଧିବାସୀ"ରୁ "ଆଦିବାସୀ"କୁ ରୂପାନ୍ତରିତ ହୋଇଛି । ସେମାନଙ୍କ ପ୍ରଚାର ବିମୁଖ କଳା, ସାହିତ୍ୟ, ସଂସ୍କୃତି, ସମାଜ ଅନ୍ୟକୁ ପ୍ରରୋଚିତ କରିଆସିଛି । ତେବେ ଆତ୍ମ ପ୍ରଚାର ନଥିବା ଯୋଗୁଁ ସେମାନଙ୍କର କଳାକୌଶଳ, ସ୍ୱାଭିମାନ ସମୟର କାଳଚକ୍ରରେ ଜନମାନସରେ ବିଲୁପ୍ତ ହୋଇଯାଇଛି । ସ୍ମୃତିର ଅତଳ ଗର୍ଭରେ ଲୀନ ହୋଇଯାଇଥିବା ଅନେକ ବୀର ପୁରୁଷ ଓ ପ୍ରତିଭାଧାରୀଙ୍କର ସ୍ମୃତିଚାରଣ କରିବା ଲାଗି କୌଣସି ପ୍ରୟାସ କରାଯାଇ ପାରିନାହିଁ । ସେହିପରି ଏକ ଘଟଣା ବହୁଳ, ପ୍ରତିଭାଦୀପ୍ତ ପୁରୁଷ "ରେଣ୍ଡୋମାଝୀ" ଜନମାନସରୁ ବିସ୍ମୃତ ହେବାକୁ ବସିଛନ୍ତି ।

ବିଦେଶର ସ୍ୱଚ୍ଛ କେତେକ ଗୋରା ସାହେବ ବ୍ୟବସାୟ କରିବାର ଉଦ୍ଦେଶ୍ୟ ନେଇ ଚକ୍ରାନ୍ତକତା ପୂର୍ବକ କାଳକ୍ରମେ ଭାରତବର୍ଷର ଶାସନ ଡୋ଼ରିକୁ ହାତକୁ ନେଇଗଲା ପରେ ଆରମ୍ଭ କରିଦେଇଥିଲେ ସେମାନଙ୍କର କୂଟକୌଶଳ । ଅତ୍ୟାଚାର, ଅନ୍ୟାୟ କରି ଲୁଟିନେଲେ ଅମାପ ସମ୍ପତ୍ତି । ମୁଣ୍ଡ ଝାଳ ତୁଣ୍ଡରେ ମାରି ଏହି ମାଟିର ଆଦିବାସୀ ଭୋକ ଉପାସରେ ମଲା । ସ୍ୱାଭିମାନକୁ ସମ୍ବଳ କରି ମେଳି କଲା । ମାତ୍ର ଇଂରେଜ ବନ୍ଧୁକ ଆଗରେ ତିଷ୍ଠି ପାରିଲା ନାହିଁ । ବିଜ୍ଞାନ ପାଖରେ ପରମ୍ପରା ହାର ମାନିଲା । ବିଦେଶୀ ଶାସକଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଯେଉଁସବୁ ମେଳି ଅନୁଷ୍ଠିତ ହୋଇଥିଲା, ତା'ଭିତରୁ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ରାଜ୍ୟର କନ୍ଧ ବହୁଳ ଅଞ୍ଚଳରେ ସଂଘଟିତ "କନ୍ଧ ମେଳି" ଅନ୍ୟତମ । ଏହା ଗୋରା ଶାସକଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିଲା । ସେ ସମୟର ଗଡ଼ଜାତ ଅଞ୍ଚଳ ହିସାବରେ କଳାହାଣ୍ଡି ଜିଲ୍ଲା ଥିଲା ସ୍ଥାନୀୟ ଆଦିବାସୀ ସର୍ଦ୍ଦାରମାନଙ୍କର

ପୀଠସ୍ଥଳୀ । ଏହି ଅଞ୍ଚଳର କନ୍ଧ ସର୍ଦ୍ଦାରମାନେ ନିଜ ସ୍ୱାଭିମାନ ଓ ମାଟି ମା'ର ରକ୍ଷା ପାଇଁ ନିଜର ଜୀବନ ଦେବାକୁ ପଛାଉନଥିଲେ । କଳାହାଣ୍ଡି ଜିଲ୍ଲାରେ ସଂଘଟିତ



ଏହିପରି ଏକ କନ୍ଧମେଳିର ନେତୃତ୍ୱ ନେଇଥିଲେ ରେଣ୍ଡୋ ମାଝୀ । ଏକଛତ୍ରବାଦୀ ଇଂରେଜ ଶାସକଙ୍କ ବିରୋଧରେ ମେଳି କରି ଗୁଳି ଚୋଟରେ ଶହୀଦ୍ ହୋଇଥିବା ରେଣ୍ଡୋ ମାଝୀଙ୍କ ବିଷୟରେ ଆମ ଇତିହାସ ନିରବ ।

ରେଣ୍ଡୋ ମାଝୀ ଏକ ଅନନ୍ୟ ବ୍ୟକ୍ତିତ୍ୱ । ବଣ ପାହାଡ଼ ଘେରା କଳାହାଣ୍ଡି ଜିଲ୍ଲାର ମଦନପୁର-ରାମପୁର ନିକଟସ୍ଥ ଉର୍ଲାଦାନୀ ଗ୍ରାମ ଏବେବି ବହନ କରୁଛି ଏହି ଅନନ୍ୟ ଯୋଦ୍ଧା ରେଣ୍ଡୋ ମାଝୀଙ୍କ ସ୍ମୃତି ସ୍ତମ୍ଭ ।

## ମୁକ୍ତି ସଂଗ୍ରାମ ଓ ଓଡ଼ିଶାର ଆଦିବାସୀ :

ସ୍ୱାଧୀନ ଭାବରେ ବଞ୍ଚିବା ପ୍ରତ୍ୟେକ ପ୍ରାଣୀର ଜନ୍ମଗତ ଅଧିକାର । ଏହି ଅଧିକାର ହାସଲ କରିବା ପାଇଁ କାହାର ଦୟା ବା କରୁଣାର ପାତ୍ର ହେବାକୁ ପଡ଼େ ନାହିଁ । ଏହି ଅଧିକାର ମଣିଷ ଜନ୍ମରୁ ହିଁ ନେଇ ଆସିଥାଏ ।

କୀଟପତଙ୍ଗଠାରୁ ଆରମ୍ଭ କରି ପଶୁପକ୍ଷୀ ପର୍ଯ୍ୟନ୍ତ କେହି କି ନିଜର ସ୍ୱାଧିନତା ଉପରେ ଅନ୍ୟର ହସ୍ତକ୍ଷେପକୁ ବରଦାସ୍ତ କରିପାରନ୍ତି ନାହିଁ । ପ୍ରାଣୀ ଜଗତରେ ଶ୍ରେଷ୍ଠ ବୋଲାଇ ଥିବା ବୁଦ୍ଧି ବିବେକରେ ନିପୁଣ ମଣିଷ ବା ଏଥିରୁ ବାଦ ପଡ଼ନ୍ତା କିପରି ?

ମଣିଷର ସ୍ୱାଧୀନତା ଉପରେ ଯଦି କେହି ହସ୍ତକ୍ଷେପ କରେ ତେବେ ମଣିଷ କେବଳ ବିଦ୍ରୋହ କରେ ନାହିଁ ବ୍ରଂ ସ୍ୱାଭିମାନକୁ ବଞ୍ଚାଇବାକୁ କଠୋର ଏବଂ ହିଂସ୍ର ହୋଇ ଉଠେ । ଶାନ୍ତିକାମୀ ମଣିଷ ଅଶାନ୍ତିର ବହ୍ନିରେ ଦଗ୍ଧ ହୁଏ । ତା'ର ଚ଼ିନ୍ତା, ଚେତନା, ଆଚାର, ବ୍ୟବହାର ପ୍ରତ୍ୟେକ କ୍ଷେତ୍ରରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଏମିତିକି ସ୍ୱାଧୀନତା ପାଇଁ ରକ୍ତପାତକୁ ମଧ୍ୟ ଖାତିର କରିନଥାଏ । ନିଜର ତଥା ଦେଶ ମାତୃକାର ପାଦରେ ଲାଗିଥିବା ପରାଧିନତାର ବେଡ଼ିକୁ ମୁକ୍ତ କରିବା ପାଇଁ ଆତ୍ମବଳୀ ଦେବାର ଅନେକ ନଜୀର ଅଛି । ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଜଣାଯାଏ ଅନେକ ରାଜା, ମହାରାଜା, ବୁଦ୍ଧିଜୀବି, ଦାର୍ଶନିକ, ମହାଯୋଗୀ, ମହାମନିଷୀଗଣ ନିଜ ମାତୃଭୂମିକୁ ବାହ୍ୟ ଶତ୍ରୁର କବଳରୁ ମୁକ୍ତ କରିବାକୁ ଯାଇ ନିଜ ଜୀବନକୁ ଉତ୍ସର୍ଗ କରିଯାଇଛନ୍ତି । କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଯେ, ଯେତେ ସବୁ ଆନ୍ଦୋଳନ ବିଦ୍ରୋହ ହୋଇଛି ସେଥିରେ ନେତୃତ୍ୱ ନେଇଥିବା ବହୁବିଧ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କର ନାମ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇନାହିଁ । ଆହୁରି ଅନେକ ସ୍ୱାର୍ଥତ୍ୟାଗୀ ବୀର ମହାପୁରୁଷଙ୍କର ନାମ ଇତିହାସ ପୃଷ୍ଠାରେ ଦେଖିବାକୁ ମିଳେ ନାହିଁ । ଫଳସ୍ୱରୂପ, ବଣଜଙ୍ଗଲ ପାହାଡ଼ ପର୍ବତ ଘେରା ଦୁର୍ଗମ୍ୟ ଇଲାକାରେ ରହି ବିରୋଧି ଶତ୍ରୁଙ୍କୁ ନିଜ ଦେଶରୁ ହଟାଇବା ପାଇଁ ସୁପ୍ତ ଜନତାଙ୍କ ମନରେ ଆନ୍ଦୋଳନର ବୀଜ ବୁଣି ଶତ୍ରୁଙ୍କ ଆକ୍ରମଣରେ ଶହୀଦ୍ ହୋଇଥିବା ବୀରମାନଙ୍କ ସମ୍ବନ୍ଧରେ ଉତ୍ତର ପିଢିମାନେ ଆଜି ଅଜ୍ଞ ।

ଦୀର୍ଘ ଦିନର ଇଂରେଜମାନଙ୍କର ଅତ୍ୟାଚାର, ଶୋଷଣରୁ ମୁକ୍ତ ହୋଇ ସ୍ୱାଧୀନତା ଲାଭ କରିଥିବା ଭାରତ ଗୋଟିଏ ଦିନରେ ବା ଜଣେ ଲୋକର ଚେ଼ଷ୍ଟା ଅଥବା ଦିନକର ଆନ୍ଦୋଳନ ଯୋଗୁଁ ସମ୍ଭବ ହୋଇନାହିଁ । ଏହା ଅନେକ ମହାପୁରୁଷ, ବୀର, ଯୋଦ୍ଧା ମନୀଷିମାନଙ୍କର ଦୀର୍ଘଦିନର ତ୍ୟାଗ ଦ୍ୱାରା ସମ୍ଭବ ହୋଇପାରିଛି ।

ଏଥିପାଇଁ କେତେ ବୀର ପୁରୁଷ ଶହୀଦ୍ ହୋଇଛନ୍ତି ସେମାନଙ୍କର ଠିକଣା ନାହିଁ । ଏହି ବିଦେଶୀ ଶକ୍ତି ବିରୁଦ୍ଧରେ କେବଳ ଯେ, ବଛା ବଛା ସହରମାନଙ୍କରେ ଆନ୍ଦୋଳନ ଚାଲୁଥିଲା ତା' ନୁହେଁ; ଭାରତ ବର୍ଷର ପ୍ରତି ରାଜ୍ୟ, ସହର, ଗାଁ ଗଣ୍ଡା, ଗଳିକନ୍ଦିରେ ବାସ କରୁଥିବା ପ୍ରତ୍ୟେକ ଭାରତୀୟଙ୍କ ମନରେ ବିଦ୍ରୋହର ବହ୍ନି ଜାତ ହୋଇଥିଲା । ଶୋଷଣକାରୀ ବିଦେଶୀ ଗୋଷ୍ଠୀ ପ୍ରତି ପ୍ରତ୍ୟେକ ଭାରତୀୟଙ୍କ ମନରେ ଭରି ରହିଥିଲା ଘୃଣା ଏବଂ ବିଦ୍ୱେଷର ଭାବ, ଭାରତର ସ୍ୱାଧିନତା ସଂଗ୍ରାମରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଜନସାଧାରଣ ଓ ଜନନାୟକଙ୍କ ଦାନ ଅତୁଳନୀୟ । ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳଠାରୁ ଆରମ୍ଭ କରି ବଣ ଜଙ୍ଗଲ ଘେରା ଆଦିବାସୀ ଅଧୁଷିତ ଅଞ୍ଚଳରେ ମଧ୍ୟ ସ୍ୱାଧୀନତାର ପ୍ରତିଧ୍ୱନୀ ଶୁଣିବାକୁ ମିଳୁଥିଲା । ଏହି ସ୍ୱାଧୀନତା ଆନ୍ଦୋଳନରେ ସଭ୍ୟ ଶିକ୍ଷିତ ସମାଜ ସହିତ ନିରକ୍ଷର ଗରିବ ଅନୁନ୍ନତ ଅଞ୍ଚଳର ଜନସାଧାରଣ ମଧ୍ୟ ଇଂରେଜମାନଙ୍କର କୁଳଷିତ ଶାସନ ନୀତିରେ ଅଣନିଶ୍ୱାସୀ ହୋଇଯାଉଥିଲେ । ତେଣୁ ଓଡ଼ିଶାର କୋଣ ଅନୁକୋଣରେ ବାସ କରୁଥିବା ଆବାଳବୃଦ୍ଧ ବନିତା ଏହି କ୍ରୁର ଶାସକ ଗୋଷ୍ଠୀର ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ।


୧୮୫୭ ମସିହାରେ ବିଦ୍ରୋହ ସାଧରଣତଃ ଭାରତର ପ୍ରଥମ ମୁକ୍ତି ସଂଗ୍ରାମ ଭାବେ ଜନମାନସରେ ବିଦିତ । ଯେମିତି ୧୫୨୬ ମସିହାରେ ପ୍ରଥମ ପାନୀପଥ ଯୁଦ୍ଧ ପରେ ଭାରତ ବର୍ଷରେ ମୋଗଲ ସାମ୍ରାଜ୍ୟ ଓ ୧୭୫୭ ପଲାସୀ ଯୁଦ୍ଧର ଫଳାଫଳ ଇଂରେଜ ଶାସନର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସମ୍ଭବପର ହୋଇଥିଲା । ସେହିପରି ସିପାହୀ ବିଦ୍ରୋହ ସମଗ୍ର ଭାରତୀୟଙ୍କ ମନରେ ଅଫୁରନ୍ତ ଉତ୍ସାହ ଓ ନବୀନ ଉନ୍ମାଦନା ଭରି ଦେଇଥିଲା ନିଜର ସ୍ୱାଧୀନତାକୁ ହାସଲ କରିବା ପାଇଁ । ଓଡ଼ିଶା ରାଜ୍ୟରେ ମଧ୍ୟ ଏହାର ଅନୁରୂପ ପ୍ରଭାବ ପଡ଼ିଥିଲା । ବାସ୍ତବ ପକ୍ଷେ ଯଦି ଇତିହାସ ପୃଷ୍ଠାକୁ ରୋମନ୍ଥନ ଓ ଉନ୍ମୋଚନ କରାଯାଏ, ତେବେ ଦେଖାଯିବ ଯେ ସିପାହୀ ବିଦ୍ରୋହର ୩୨ ବର୍ଷ ପୂର୍ବରୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ପୃଥକ ପୃଥକ ନେତୃତ୍ୱରେ ବିଭିନ୍ନ ଧରଣର ମେଳି/ବିଦ୍ରୋହ/ବିକ୍ଷୋଭ

ଦେଖାଯାଇଥିଲା । ସେ ଭିତରୁ ୧୮୫୫ ଡ଼ିସେମ୍ବର ୧୦ତାରିଖରେ ତତ୍‌କାଳୀନ କଳାହାଣ୍ଡି ଗଡ଼ଜାତରେ ସଂଘଟିତ "କନ୍ଧମେଳି" ଅନ୍ୟତମ ।

ଭାରତବର୍ଷରେ ଗୋରା ସିପାହୀମାନେ ତାଙ୍କର ରାଜନୈତିକ ଶାସନର ଅୟମାରମ୍ଭ କରିଥିଲେ ୧୭୧୭ ମସିହାରେ । ପବିତ୍ର ଭାରତ ଭୂମିର ଭାଗ୍ୟାକାଶରେ ବିପଦର କରାଳଛାୟା ଘୋଟି ଯାଇଥିଲା । ନିଷ୍ଠୁର ଇଂରେଜ ସରକାର ଭାରତରେ ୧୭୫୭ ମସିହାଠାରୁ ଆରମ୍ଭ କରି ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ନିଜର ଆଧିପତ୍ୟ ଜାରି ରଖିପାରିଥିଲେ । ଏହି ସମୟରେ ସେମାନେ ଓଡ଼ିଶା ତଥା ଭାରତର ବିଭିନ୍ନ ଯାଗାମାନଙ୍କରେ ଭିନ୍ନ ଭିନ୍ନ ସମୟରେ ଅନେକ ଦେଶପ୍ରେମୀ ମହାପୁରୁଷମାନଙ୍କର ବିରୋଧର ଶିକାର ହୋଇଥିଲେ । ଅତ୍ୟାଚାରୀ ଇଂରେଜ ଶାସନର ବିଲୋପ ଏବଂ ଗଣତନ୍ତ୍ରର ପ୍ରତିଷ୍ଠା ନିହାତି ଅପରିହାର୍ଯ୍ୟ ଥିଲା । ଏଥିନିମନ୍ତେ ଯୁଗପୁରୁଷମାନଙ୍କ ଦ୍ୱାରା ସାଧାରଣ ଜନତାଙ୍କ ହୃଦୟରେ ବିଦ୍ରୋହର ମଞ୍ଜି ପୋତା ଯାଇଥିଲା । ସମୟକ୍ରମେ ସେମାନେ ନିଜର ତ୍ୟାଗ, ନିଷ୍ଠା, କର୍ତ୍ତବ୍ୟପରାୟଣତା, ନିସ୍ୱାର୍ଥପର ମନୋଭାବ, ଅହିଂସା ନୀତି, ସାହାସିକତା ଯୋଗୁଁ ସ୍ୱାଧୀନତାର ସ୍ୱାଦ ଚାଖି ପାରିଥିଲେ ।

ଓଡ଼ିଶାର କଳାହାଣ୍ଡି, ଫୁଲବାଣୀ, କୋରାପୁଟ, ସୁନ୍ଦରଗଡ଼, ସମ୍ବଲପୁର ଆଦି ଜିଲ୍ଲାଗୁଡ଼ିକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଗଣିତ । ବ୍ରିଟିଶ ରାଜତ୍ୱ କାଳରେ ଏହି ସବୁ ଜିଲ୍ଲାଗୁଡ଼ିକ ବିଭିନ୍ନ ରାଜାରାଜୁଡ଼ାମାନଙ୍କର ଶାସନାଧୀନ ଥିଲା । ତେଣୁ ଏହି ଅଞ୍ଚଳର ଅଧିବାସୀମାନେ ନିଜ ରାଜା ମହାରାଜାମାନଙ୍କର ନୀତି ନିୟମମାନି ଚ଼ଳୁଥିଲେ । ପାହାଡ଼, ପର୍ବତ, ଜଙ୍ଗଲ, ନଦୀ, ଝରଣା ପରିବେଷ୍ଟିତ ପରିବେଶରେ ଆଦିବାସୀମାନେ ସ୍ୱାଧୀନ ଭାବରେ ମହା ଆନନ୍ଦରେ ବାସ କରୁଥିଲେ । ପ୍ରକୃତିର ସନ୍ତାନ ପ୍ରକୃତିରୁ ହିଁ ସେମାନଙ୍କର ଆବଶ୍ୟକୀୟ ପଦାର୍ଥ ସଂଗ୍ରହ କରୁଥିଲେ । ଦୈନନ୍ଦିନ ଜୀବନରେ ସେମାନଙ୍କର ଯେତେସବୁ ମୌଳିକ ଆବଶ୍ୟକତା ରହିଛି; ଯଥା:- ଖାଦ୍ୟ, ବସ୍ତ୍ର, ବାସଗୃହ ନିର୍ମାଣ ପାଇଁ ବିଭିନ୍ନ ଉପକରଣ, ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଚେ଼ରମୂଳି, ଛେଲି ପ୍ରସ୍ତୁତ ଔଷଧ

ପାଇଁ ସେମାନେ ଜଙ୍ଗଲ ଉପରେ ନିର୍ଭର କରିଥାନ୍ତି । ତେଣୁ ଆଦିବାସୀମାନଙ୍କର ଜଙ୍ଗଲ ସହିତ ଥିବା ଘନିଷ୍ଠତା ସହଜରେ ଅନୁମାନ କରିହୁଏ । ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ଜଣାଯାଏ ଯେ, ଏହିପରି ଏକ ଶାନ୍ତ ସୁନ୍ଦର କମନୀୟ ପରିବେଶରେ ବାସ କରୁଥିବା ଆଦିବାସୀଙ୍କର ଜୀବନଯାପନର ପ୍ରଣାଳୀ ଏବଂ ପ୍ରକୃତି ମଧ୍ୟ ସରଳ, ନିରୀହ ଅଟେ । ପରିସ୍ଥିତିର ତାଡ଼ନାରେ ବା ଦୁଷ୍ଟଜନର ଦୌରାତ୍ମ୍ୟ ଯୋଗୁଁ ବେଳେବେଳେ ପ୍ରକୃତି ହିଂସ୍ର ରୂପ ଧାରଣ କରେ, ଠିକ୍ ସେହିପରି ଅତ୍ୟାଚାରୀ, ଶୋଷଣକାରୀ ଗୋଷ୍ଠୀର ନିର୍ଯ୍ୟାତନା ସହିନପାରି ସରଳ ନିରୀହ ଆଦିବାସୀମାନେ ମଧ୍ୟ ହିଂସ୍ର ହୋଇଉଠନ୍ତି । ତାଙ୍କ ମନରେ ପ୍ରତିଶୋଧର ବହ୍ନି ଜଳି ଉଠେ । ତାହା ବିଦ୍ରୋହ ବା ଆନ୍ଦୋଳନର ରୂପ ନିଏ । ସେ ମଧ୍ୟରୁ କଳାହାଣ୍ଡିର "କନ୍ଧ ମେଳି" ଅନ୍ୟତମ ।



ରେଣ୍ଡୋ ଆମ୍ବଗଛ

ପୂର୍ବ କଥିତ ଗଡ଼ଜାତ ଅଞ୍ଚଳରେ କନ୍ଧ, କୋହ୍ଲ, ଗଣ୍ଡ, ଭୂୟାଁ, ମୁଣ୍ଡା, ସାନ୍ତାଳ ଇତ୍ୟାଦି ଜାତିର ଆଦିବାସୀମାନେ ବାସ କରୁଥିଲେ । ଆଦିବାସୀ ଗୋଷ୍ଠୀମାନେ ବିଭିନ୍ନ ସମୟରେ

ଭିନ୍ନ ଭିନ୍ନ ନେତୃବୃନ୍ଦଙ୍କର ଅଧୀନରେ ରହି ନିଜର ଜନ୍ମଭୂମି ପାଇଁ ସଂଗ୍ରାମ କରୁଥିଲେ । ଏହି ଆଦିବାସୀ ନେତାମାନେ ନିଜ ଜୀବନକୁ ଜଳାଞ୍ଜଳି ଦେଇ ବିଭିନ୍ନ ପ୍ରକାର ନିର୍ଯ୍ୟାତନା ସହି ଆନ୍ଦୋଳନକୁ ଆଗେଇ ନେଉଥିଲେ । ବିଭିନ୍ନ ପ୍ରକାରର ଶାରୀରିକ ଯନ୍ତ୍ରଣା, ମାନସିକ ନିର୍ଯ୍ୟାତନା, କାରାଗାରରେ ମାସ ମାସ ଧରି ବନ୍ଦୀ ହେବା ସହିତ କଳା ପାଣି ଓ ଫାଶୀ ପରି ମଧ୍ୟ ଅମାନୁଷିକ ଅତ୍ୟାଚାରର ଶିକାର ହେଉଥିଲେ ।

ସେ ସମୟର ଆଦିବାସୀମାନଙ୍କର ନେତା ମଧ୍ୟରେ ଚକରା ବିଶୋୟୀ, ବୀର ସୁରେନ୍ଦ୍ର ସାଏ, ଲକ୍ଷ୍ମଣ ନାୟକ, ବିର୍ସା ମୁଣ୍ଡା, ନିର୍ମଳ ମୁଣ୍ଡା, ରେଣ୍ଡୋ ମାଝୀ ଅନ୍ୟତମ । ଉପରୋକ୍ତ ସମସ୍ତ ବ୍ୟକ୍ତି ବିଶେଷଙ୍କ ବାବଦରେ ସମୟେ ସମୟେ ଆଲେଚନା ହେଉଥିଲେ ମଧ୍ୟ ରେଣ୍ଡୋ ମାଝୀଙ୍କ ବାବଦରେ ଏବେ ବି ବହୁ ଅନାଲୋଚିତ ତଥ୍ୟ ଜନସାଧାରଣଙ୍କର ଦୃଷ୍ଟି ଆଗୋଚରରେ ରହିଯାଇଛି । ରେଣ୍ଡୋ ମାଝୀ କେବଳ ଜଣେ ଆଦିବାସୀ ନେତା ନୁହଁନ୍ତି ସେ ମଧ୍ୟ କନ୍ଧ ସଂସ୍କୃତିର ଜଣେ ନିଷ୍ଠାପର ପୂଜାରୀ, ପରଂପରା ଅନୁଯାୟୀ ପ୍ରଚଳିତ ନୀତିନିୟମକୁ ପରିବର୍ତ୍ତନ କରିବାର ପକ୍ଷପାତୀ । ଯେଉଁମାନେ ଆଦିବାସୀ ସମାଜର ପ୍ରଚଳିତ ପରଂପରା ଓ ସଂସ୍କୃତିକୁ ଅମାନ୍ୟ କରନ୍ତି ସେମାନଙ୍କ ପ୍ରତି ଆଦିବାସୀ ସମାଜ କଠୋର ଆଚରଣ କରିଥାଏ । ବ୍ୟତିକ୍ରମ କରିଥିବା ବ୍ୟକ୍ତିମାନଙ୍କୁ ନିଆଁପାଣି ବନ୍ଦ କରି ସମାଜରୁ ବାସନ୍ଦ ମଧ୍ୟ କରାଯାଇଥାଏ । ତେଣୁ ରେଣ୍ଡୋ ମାଝୀ ହେଉଛନ୍ତି ଜଣେ ପରଂପରାର ପୃଷ୍ଠପୋଷକ, ସଂସ୍କୃତିର ପୂଜକ, ଇଂରେଜ ସରକାର ବିରୋଧି ଜଣେ ନିଛକ ଆଦିବାସୀ ନେତା । ତାଙ୍କର ପ୍ରକୃତି ପ୍ରୀତି ଏତେ ବେଶୀ ଥିଲା ଯେ, ତତ୍‌କାଳୀନ ସମୟରେ ମଧ୍ୟ ବହୁବିଧ ବନସ୍ପତି ଲଗାଇ ଚର୍ଚ୍ଚିତ ହୋଇଥିଲେ । ଏବେ ମଧ୍ୟ ରେଣ୍ଡୋ ମାଝୀଙ୍କ ଦ୍ଵାରା ଲଗାଯାଇଥିବା ଆମ୍ବଗଛକୁ ସ୍ଥାନୀୟ ଗ୍ରାମବାସୀ ସ୍ମୃତି ସ୍ୱରୂପ ବଞ୍ଚାଇ ରଖିଛନ୍ତି । ଉର୍ଲାଦାନୀ ଗ୍ରାମ ପଞ୍ଚାୟତର ବିଡାବାରୁ ଗ୍ରାମ ସୀମାନ୍ତରେ ଉକ୍ତ ଆମ୍ବ ଗଛ ରହିଛି । ଏହି ଆମ୍ବ ଗଛଟି ରେଣ୍ଡୋ ଆମ୍ବଗଛ ନାମରେ ସ୍ଥାନୀୟ ଲୋକମୁଖରେ ଏବେ ମଧ୍ୟ ପ୍ରଚଳିତ ।

# ସର୍ଦ୍ଦାର ରେଣ୍ଡୋ ମାଝୀ

ଓଡ଼ିଶା ଇତିହାସରେ ଦେଶ ମାତୃକାର ସ୍ୱାଧୀନତା ପାଇଁ ଯେଉଁ ବୀରପୁତ୍ର, ମହାପୁରୁଷମାନେ ତାଙ୍କର ଶ୍ରଦ୍ଧା, ତ୍ୟାଗ, ନିଷ୍ଠା, ବିରତ୍ୱ, ସାହାସ ପ୍ରଦର୍ଶନ କରି ପ୍ରାଣବଳୀ ଦେଇଥିଲେ, ସେମାନଙ୍କ ମଧ୍ୟରୁ କଳାହାଣ୍ଡିର କନ୍ଧ ସର୍ଦ୍ଦାର ରେଣ୍ଡୋ ମାଝୀ ଅନ୍ୟତମ । କିନ୍ତୁ ପରିତାପର ବିଷୟ, ବଣମଲ୍ଲୀ ବଣରେ ଝଡ଼ିଗଲା ପରି ରେଣ୍ଡୋ ମାଝୀଙ୍କ ପରି ଜଣେ ସ୍ୱାଭିମାନୀ ସଂଗ୍ରାମୀ ଲୋକମୁଖରେ ଅଣଚର୍ଚ୍ଚିତ ହୋଇ ରହିଯାଇଛନ୍ତି ।

ଆଦିବାସୀ ନେତା, ଯୁଗପୁରୁଷ, ସଂଗ୍ରାମୀ ସର୍ଦ୍ଦାର ରେଣ୍ଡୋ ମାଝୀ ଏକ ଗରୀବ ଆଦିବାସୀ କନ୍ଧ ପରିବାରରେ ମଦନପୁର-ରାମପୁର ବ୍ଲକ୍‌ର ଉର୍ଲାଦାନୀ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ରେଣ୍ଡୋ ମାଝୀଙ୍କ ପିତାଙ୍କ ନାମ ଡାବିଶା ମାଝୀ । ଏମାନେ "ବକେରକୀୟା" କନ୍ଧ ସମ୍ପ୍ରଦାୟର ଥିଲେ, ଡାବିଶା ମାଝୀ ଥିଲେ କନ୍ଧମାନଙ୍କର ନେତା, ସେ ତାଙ୍କର ପୂଜାରୀ ଥିଲେ । ଡାବିଶା ମାଝୀ ତାଙ୍କ ସଂପ୍ରଦାୟର ଲୋକମାନଙ୍କର ମଙ୍ଗଳ କାମନା କରି ଧରଣୀ ପେନୁର ପୂଜା କରୁଥିଲେ । ସେ ଥିଲେ ପ୍ରକୃତି, ସଂସ୍କୃତି ଏବଂ ପରଂପରା ପୂଜାରୀ ସେ ମଧ ଲୋକମାନଙ୍କର ସବୁ ସମସ୍ୟାର ସମାଧାନ କରୁଥିଲେ ଏବଂ ଭଲ, ମନ୍ଦ ବୁଝୁଥିଲେ । ଡାବିଶା ମାଝୀଙ୍କର ୨ ପୁତ୍ର ଥିଲେ; ଯଥା: ରେଣ୍ଡୋ ମାଝୀ ଏବଂ ଭୁଜ ମାଝୀ ।

ରେଣ୍ଡୋ ମାଝୀ, ଜଗେରୀ ମାଝୀଙ୍କୁ ବିବାହ କରିଥିଲେ । ତାଙ୍କର ୨ ପୁତ୍ର ଥିଲେ । ଆସୁରା ମାଝୀ ଓ ମେସୁରା ମାଝୀ । ମେସୁରା ମାଝୀ, ସୁଡାଲି ମାଝୀଙ୍କୁ ବିବାହ କରିଥିଲେ । ତାଙ୍କର ମଧ ୨ଟି ସନ୍ତାନ ଥିଲେ ଜଣେ ହେଲେ ଡାକିରା ମାଝୀ ଏବଂ ଅନ୍ୟ ଜଣେ କନ୍‌କା ମାଝୀ ।

କନ୍ଧ ଜନଜାତିଙ୍କର ପରମ୍ପରା ଅନୁସାରେ ଦୁଇ କିମ୍ବା ତିନି ପିଢି ପରେ ଜଣେ ବ୍ୟକ୍ତିଙ୍କର ନାମ ପୁନଃର୍ବାର ଉକ୍ତ ବଂଶର ପରବର୍ତ୍ତୀ ପିଢିର ପିଲାମାନଙ୍କୁ

ଦିଆଯାଏ । ସେହି ପ୍ରଥାକୁ ଅନୁସରଣ କରି ରେଣ୍ଡୋମାଝୀଙ୍କ ବଂଶର ବର୍ତ୍ତମାନ ପିଢିର କାନ୍‌କା ମାଝୀଙ୍କର ତୃତୀୟ ପୁତ୍ରଙ୍କର ନାମ "ରିଣ୍ଡୋ ମାଝୀ" (ରେଣ୍ଡୋଙ୍କର ପ୍ରକୃତ ନାମ) ରଖାଯାଇଛି ।



ରିଣ୍ଡୋ ମାଝୀ

ରେଣ୍ଡୋ ମାଝୀ ଡାବିଶା ମାଝୀଙ୍କର ଜଣେ ସୁଯୋଗ୍ୟ ସନ୍ତାନ ଥିଲେ । ସେ ତାଙ୍କର ଗ୍ରାମରେ ଯେପରି ଶାନ୍ତି, ଶୃଙ୍ଖଳା ରକ୍ଷା କରୁଥିଲେ ସେହିପରି ନିଜ ପରିବାରରେ ମଧ୍ୟ ଶାନ୍ତି ଶୃଙ୍ଖଳା ରକ୍ଷା କରୁଥିଲେ । ସେ ଜଣେ ଆଦର୍ଶବାଦୀ ମଣିଷ ଥିଲେ । ସେ ଯଥାର୍ଥରେ ଥିଲେ ପିତାଙ୍କର ସୁପୁତ୍ର, ସ୍ତ୍ରୀଙ୍କ ପାଇଁ ଜଣେ ଉତ୍ତମ ସ୍ୱାମୀ ତାଙ୍କ ଏବଂ ପିଲାମାନଙ୍କ ଆଦର୍ଶ ପିତା । କାହାରି ପ୍ରତି କର୍ତ୍ତବ୍ୟରେ ତାଙ୍କର କେବେ ଅବହେଳା ନଥିଲା । ତାଙ୍କର ପାରିବାରିକ ଜୀବନ ଅତ୍ୟନ୍ତ ସୁଖମୟ ଥିଲା । ପତ୍ନୀ ମଧ୍ୟ ତାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରୁଥିଲେ ।

## ବାଲ୍ୟ ଓ କୈଶୋର ଜୀବନ :

ରେଣ୍ଡୋ ମାଝୀ ପିଲାଟି ଦିନରୁ ବାପ ଛେଉଣ୍ଡ ଥିଲେ । ମାଆଙ୍କ ଦ୍ୱାରା ଲାଳିତପାଳିତ ହୋଇ ଚାଟଶାଳୀ ଶିକ୍ଷା ସମାପ୍ତ କରି ଉର୍ଲାଦାନୀ ଅଞ୍ଚଳକୁ ଫେରିଯାଇ

ଗାଁ ଲୋକଙ୍କ ମଂଗଳ କାମନାରେ ନିଜକୁ ସଂପୂର୍ଣ୍ଣ ନିବେଶ କରିଥିଲେ, ପିଲାଟି ଦିନରୁ ଧନୁଶର ବ୍ୟବହାର ପ୍ରତି ଆଗ୍ରହୀ ହେବା ସଂଗେ ସଂଗେ ନଦୀରେ ନୌକା ଚାଳନା ପ୍ରତି ତାଙ୍କର ପ୍ରବଳ ଆଗ୍ରହ ରହିଥିଲା । ରେଣ୍ଡୋ ମାଝୀ ଅତ୍ୟନ୍ତ ସାହାସୀ ଥିବାରୁ ବାଘ ପରି ହିଂସ୍ର ଜନ୍ତୁଙ୍କୁ ମଧ୍ୟ ସେ ଖାତିର୍ କରୁନଥିଲେ । ଜଣେ ସାହାସୀ ଯୋଦ୍ଧା, ନିଃସ୍ୱାର୍ଥପର, ପରୋପକାରୀ, ଦୟାଳୁ, ନିଷ୍ଠାପର କର୍ମୀ ହିସାବରେ ଅନ୍ୟାୟ, ଅତ୍ୟାଚାରର ସେ ଘୋର ବିରୋଧି ଥିଲେ ।

## "ରିନ୍ଦୋ" ବନାମ "ରେଣ୍ଡୋ"

ପରଂପରାନୁସାରେ, ଜ୍ୟେଷ୍ଠପୁତ୍ର ରେଣ୍ଡୋ ମାଝୀଙ୍କ ମୁଣ୍ଡରେ ପିତାଙ୍କର ଉତ୍ତରାଧିକାର ସ୍ୱରୂପ ପୂଜକର ଶିରପା ବନ୍ଧା ଗଲା । ଗାଁ ଲୋକଙ୍କୁ ଏକଜୁଟ କରି ସେ ଅଞ୍ଚଳର ବିକାଶ ପାଇଁ ମନ ବଳାଇ ଲୋକଙ୍କ ମନରେ ଅପୂର୍ବ ପ୍ରେରଣା ଓ ସାହାସ ସୃଷ୍ଟି କରି ପାରିଥିଲେ । ବଣରେ ବାଘ ମାତିଲେ ସାହାସୀ ରେଣ୍ଡୋ, ମଣିଷଖିଆ ବାଘକୁ ସାମ୍ନାକରି ଲୋକଙ୍କ ମନରୁ ଭୟ ଆଶଙ୍କା ଦୂର କରି ପାରୁଥିଲେ । ଏହାଦ୍ୱାରା ସେ ସେହି ଅଞ୍ଚଳର ଜଣେ ସାହାସୀ ବୀର ବୋଲି ଗଣା ହୋଇଥିଲେ ତାଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କୁ କନ୍ଧ ସଂପ୍ରଦାୟର ସର୍ଦ୍ଦାର ରୂପେ ପ୍ରତିଷ୍ଠିତ କରାଇଥିଲା । ସେ ମୁଣ୍ଡରେ ଶିରପା ବାନ୍ଧି ମାଟି ମା' ଧରଣୀ ପେନୁର ପୂଜକ ରୂପେ ସାରା ମୂଲକରେ ପରିଚିତ ହୋଇ ଥିଲେ । ଲୋକମାନଙ୍କର ସୁବିଧା ଅସୁବିଧା ବୁଝୁଥିଲେ । ରେଣ୍ଡୋ ମାଝୀ ଗରିବ ଆଦିବାସୀଙ୍କର ସୁଖ, ଦୁଃଖର ସାଥି । ଗ୍ରାମରେ ନାନା କାରଣରୁ ସୃଷ୍ଟି ହେଉଥିବା କଳିର ସମାଧାନ ସେ କରୁଥିଲେ । ଗ୍ରାମବାସୀମାନେ ତାଙ୍କୁ ଶ୍ରଦ୍ଧା, ଭକ୍ତି, ଆଦର କରୁଥିଲେ ଏବଂ ତାଙ୍କର ନିଷ୍ପତ୍ତିକୁ ମଥାପାତି ମାନି ନେଉଥିଲେ । ସେମାନେ ତାଙ୍କୁ ଭଗବାନ ଭାବି ପୂଜା କରୁଥିଲେ ଏବଂ ଭଲ ପାଉଥିଲେ । ରେଣ୍ଡୋ ମାଝୀ ଧରଣୀ ପେନୁ ନିକଟରେ ଗ୍ରାମର ମଂଗଳ, କ୍ଷେତରେ ଭଲ ଫସଲ ହେବା ପାଇଁ ପୂଜା ଉପଚାର କରୁଥିଲେ । କନ୍ଧମାନେ ପ୍ରତ୍ୟେକ ଅସୁବିଧା, ପ୍ରାକୃତିକ ବିପର୍ଯ୍ୟୟ, ରୋଗ ବଇରାଗ, ଉତ୍ତମ ଫସଲ ଇତ୍ୟାଦି ସମସ୍ତ କାର୍ଯ୍ୟ ଅଦୃଶ୍ୟ ଶକ୍ତିର ପ୍ରଭାବରୁ ହେଉଛି ବୋଲି ବିଶ୍ୱାସ

କରିଥାନ୍ତି । ତେଣୁ ଏହାର ପ୍ରତିକାର ପାଇଁ ସେମାନେ ପୋଢ଼, କୁକୁଡ଼ା, ଛେଳି ଇତ୍ୟାଦି ବଳି ଦେଇ ଅଦୃଶ୍ୟ ସତ୍ତା ବା ଦେବଦେବୀଙ୍କୁ ସନ୍ତୁଷ୍ଟ କରିଥାନ୍ତି ଗ୍ରାମର ଉନ୍ନତି ଆଶାରେ ।

**କଳାହାଣ୍ଡି:**

ଲୋକମୁଖରେ କଳାହାଣ୍ଡିର ନାମକରଣକୁ ନେଇ କୌଣସି ଐତିହାସିକ ବା ପୌରାଣିକ ପୃଷ୍ଠଭୂମି ସଠିକଭାବେ ମିଳୁନଥିଲେ ମଧ୍ୟ ଯଥାର୍ଥରେ କୃଷ୍ଣ କାର୍ପାସ ମୃତ୍ତିକାରେ ଭରପୁର କଳାହାଣ୍ଡି ୧୧,୮୩୫ ବର୍ଗ କି.ମି. ଅଞ୍ଚଳକୁ ନେଇ ଓଡ଼ିଶାର କୋରାପୁଟ, ବଲାଙ୍ଗୀର, ସମ୍ବଲପୁର ଓ ଛତିଶଗଡ଼, ରାୟପୁର ଜିଲ୍ଲା ଦ୍ୱାରା ଚତୁଃପାର୍ଶ୍ୱରେ ପରିବେଷ୍ଟିତ ଏବଂ ପ୍ରାକୃତିକ ନୈସର୍ଗିକ ସୌନ୍ଦର୍ଯ୍ୟରେ ଭରପୂର ଏକ ଜିଲ୍ଲା ଭାବେ ମାନ୍ୟତା ବହନ କରିଛି । ପ୍ରାଚୀନ ଐତିହାସିକ ରାଜ୍ୟ ଭିତରେ କଳାହାଣ୍ଡିର ଋଗ୍ଜକଳାର ଭଣ୍ଡାର ମାରାଗୁଡ଼ା, ଗୁଡ଼ହାଣ୍ଡି, ଓ ତେଲ, ଜଙ୍କ ନଦୀର କୂଳେ କୂଳେ ଅନେକ ସ୍ଥାନରେ ଦେଖିବାକୁ ମିଳିଥାଏ ।

ପୂର୍ବରୁ କଳାହାଣ୍ଡି ଜିଲ୍ଲାରୁ ବର୍ତ୍ତମାନର ନୂଆପଡ଼ା ଏକ ନୂତନ ଜିଲ୍ଲା ରୂପେ ଜନ୍ମ ନେଇଥିଲେ ହେଁ ଅବିଭକ୍ତ କଳାହାଣ୍ଡି ଜିଲ୍ଲା ନୂଆପଡ଼ା, ଧର୍ମଗଡ଼ ଓ କଳାହାଣ୍ଡି ତିନୋଟି ସବ୍‌ଡିଭିଜନକୁ ନେଇ ଜିଲ୍ଲାର ମାନ୍ୟତା ପାଇଥିଲା । ତଥାକଥିତ ରାଜାରାଜୁଡ଼ା ଶାସନର ଅନ୍ତ ଘଟାଇ କଳାହାଣ୍ଡି ଜିଲ୍ଲା ସିଧାସଳଖ ଭାବେ ୧୮୬୩ ମସିହାରେ ବ୍ରିଟିଶ ଶାସନାଧିନ ହୋଇଥିଲା । ସେଇଠୁ କଳାହାଣ୍ଡିରେ ଜନବସତିର ମୁଖ୍ୟ ଜନଜାତି କନ୍ଧ ସମାଜ ସମଗ୍ର ଜିଲ୍ଲାରେ ବିଦେଶୀ ଶାସନର ତୀବ୍ର ବିରୋଧି ହୋଇ ପଡ଼ିଥିଲା । କନ୍ଧ ସମାଜ ଆଞ୍ଚଳିକ ସ୍ତରକୁ ନେଇ ବିଭିନ୍ନ ବର୍ଗରେ ବିଭକ୍ତ ହୋଇଥିଲେ ମଧ୍ୟ ପ୍ରକୃତିକୁ ଦେବତା ରୂପେ ପୂଜା କରିବାକୁ ନେଇ କୌଣସି ଡଙ୍ଗରିଆ ବା ବକେରକିୟା କନ୍ଧ ମଧ୍ୟରେ ଫରକ ନଥିଲା । ଧରଣୀପେନୁ ପୂଜାରେ ପ୍ରଚଳିତ ମେରିଆ ବଳୀକୁ ବିରୋଧ କରି ବ୍ରିଟିଶ ସରକାର ଏହାକୁ କୁସଂସ୍କାରର ଆଖ୍ୟା ଦେଇଥିଲେ । ଏହାପରେ କନ୍ଧ ଜନଜାତିର ସର୍ଦ୍ଦାରମାନଙ୍କୁ ଜୋର ଜବରଦସ୍ତି ନିଜର ଆନୁଗତ୍ୟକୁ ସ୍ୱୀକାର କରିବାକୁ ବାଧ କରିବା ଦ୍ୱାରା କଳାହାଣ୍ଡିର ସାମଗ୍ରିକ କନ୍ଧମେଳିର କ୍ରୋଧାଗ୍ନିକୁ ବ୍ରିଟିଶ ଶାସନକୁ ସାମନା କରିବାକୁ ପଡ଼ିଥିଲା ।

ଓଡ଼ିଶାର ଗଡ଼ଜାତ ରାଜ୍ୟଗୁଡ଼ିକ ଭିତରୁ କଳାହାଣ୍ଡି ରାଜ୍ୟରେ ପୂର୍ବେ ସେଠାରେ ନାଗବଂଶୀ ରାଜାମାନେ ଶାସନ କରୁଥିଲେ । କଳାହାଣ୍ଡି ରାଜ୍ୟ ଆଠଟି ଗଡ଼କୁ ନେଇ ଗଠିତ ହୋଇଥିଲା । ପ୍ରତ୍ୟେକ ଗଡ଼କୁ ରାଜାଙ୍କର ଭାଇମାନେ ସାମନ୍ତ ରାଜା ଭାବେ ଶାସନ କରୁଥିଲେ । ପୁନଶ୍ଚ, କଳାହାଣ୍ଡି ରାଜ୍ୟ ପାଞ୍ଚଗୋଟି ସାମନ୍ତ ରାଜ୍ୟରେ ବିଭକ୍ତ ହୋଇଥିଲା । ସେଗୁଡ଼ିକ ହେଲା- ଥୁଆମୁଳ, ମଦନପୁର-ରାମପୁର, ଲାଞ୍ଜିଗଡ଼, କାଶୀପୁର ଓ ଜୟପାଟଣା ।

ସାମନ୍ତ ରାଜ୍ୟ ମଦନପୁର-ରାମପୁରରେ ପାଞ୍ଚଗୋଟି ଗଡ଼ ଥିଲା । ସେଗୁଡ଼ିକ ହେଲା - ମଦନପୁର, ମୋହନଗିରି, ଜପରାଙ୍ଗ, ଉର୍ଲଦାନୀ ଓ ବୁରକା । ମୋଟ ୨୦୪ଟି ଗ୍ରାମ ଓ ୧୫ଟି ସବ୍‌ଡ଼ିଭିଜନକୁ ନେଇ ମଦନପୁର-ରାମପୁର ରାଜ୍ୟ ଗଠିତ ହୋଇଥିଲା । ରାଜ୍ୟର ଅଧିକାଂଶ କନ୍ଧ ଏହି ଜିଲ୍ଲାରେ ବସବାସ କରିଥାନ୍ତି । ତତ୍‌କାଳୀନ ଜନଗଣନା ଅନୁସାରେ (୧୮୫୦) କଳହାଣ୍ଡିର ଜନସଂଖ୍ୟା ଏକ ଲକ୍ଷ ପାଞ୍ଚ ହଜାର ଥିଲା । ଏମାନଙ୍କ ମଧ୍ୟରୁ ୮୦ ହଜାର ଲୋକ କନ୍ଧ ସଂପ୍ରଦାୟର ଥିଲେ ।

## କଳାହାଣ୍ଡି ଓ କନ୍ଧ ସଂପ୍ରଦାୟ :

କନ୍ଧମାନେ ସାଧାରଣତଃ ସରଳ, ନିଷ୍କପଟ, ଅମାୟିକ, ବିଶ୍ୱସ୍ତ, ସତ୍ୟପ୍ରିୟ, ସରଳ ବିଶ୍ୱାସୀ, ନିରୀହ, ସ୍ୱାଭିମାନୀ, ନିର୍‌ଲୋଭ, ନିର୍ଦ୍ଦୋଷ ଓ ନିରପରାଧ ପ୍ରକୃତିର ଅଟନ୍ତି । ସେମାନଙ୍କ ବ୍ୟବହାର ଅତି ଉତ୍ତମ । ଅତିଥିଙ୍କୁ ସତ୍କାର କରିବା ଏବଂ ଶତ୍ରୁମାନଙ୍କ କବଳରୁ ସୁରକ୍ଷା ପ୍ରଦାନ କରିବାରେ ଧୁରନ୍ଧର । କାହାରି ମନରେ ସେମାନେ କେବେ ଆଘାତ ଦିଅନ୍ତି ନାହିଁ । ନିଜ ଜୀବନକୁ ବାଜି ଲଗାଇ ଅନ୍ୟକୁ ସାହାଯ୍ୟ କରିଥାନ୍ତି । ସେମାନେ ନିଜର କର୍ମମୟ ଜୀବନ ମଧ୍ୟରେ କିଛି ସମୟ ଆମୋଦ ପ୍ରମୋଦ ଏବଂ କ୍ରୀଡ଼ା କୌତୁକରେ ଅତିବାହିତ କରିଥାନ୍ତି । ସେମାନେ ତାଙ୍କ ନିଜ ଦୁନିଆରେ ସବୁବେଳେ ମଜି ରହିଥାନ୍ତି । ବିନା କାରଣରେ କାହାରି କ୍ଷତି କରିବାକୁ ସେମାନେ ପସନ୍ଦ କରନ୍ତି ନାହିଁ । କି କେହି ଆଘାତ କଲେ ତାକୁ ସହଜରେ ଛାଡ଼ନ୍ତି ନାହିଁ । ସେମାନଙ୍କ ମଧ୍ୟରେ ଶତ୍ରୁତା କମ୍ ଏବଂ ଭାତୃତ୍ୱ ସମ୍ବନ୍ଧ

ବେଶି ଦେଖିବାକୁ ମିଳିଥାଏ । ସେମାନଙ୍କ ମୁଖମଣ୍ଡଳ ସବୁ ସମୟରେ ଉତ୍‌ଫୁଲ୍ଲିତ ଦେଖାଯାଉଥାଏ । ବିଷାଦର ଛାୟା ତାଙ୍କର ମୁଖମଣ୍ଡଳରେ କେବେ ଦେଖିବାକୁ ମିଳେ ନାହିଁ । ସେମାନେ ହିଂସ୍ର ସ୍ୱଭାବର ନୁହଁନ୍ତି । ମାତ୍ର ତାଙ୍କର ଅନିଷ୍ଟ କରିବାକୁ ଯାଉଥିବା ବ୍ୟକ୍ତିକୁ ସହଜରେ ଛାଡ଼ନ୍ତି ନାହିଁ । ସେମାନଙ୍କ ସଂପ୍ରଦାୟର ପ୍ରଚଳିତ ପ୍ରଥା ଅନୁସାରେ ସେମାନେ ଚଳିଥାନ୍ତି ।

କନ୍ଧମାନେ ସାଧାରଣତଃ ତିନି ଗୋଷ୍ଠୀରେ ବିଭକ୍ତ, ଯଥା – କୁଟିଆ, ଡ଼ଙ୍ଗରିଆ ଏବଂ ଦେଶିଆ । ତଥାପି ଏମାନଙ୍କର ଅନେକ ଉପଗୋଷ୍ଠୀ ରହିଛି । ଏମାନେ ନିଜ ମୁଠା ସଂପ୍ରଦାୟ ମଧ୍ୟରେ ବିବାହ କରିନଥାନ୍ତି । ବିବାହ ସ୍ଥିର କରିବାରେ ପିତାମାତା ଏବଂ ଗ୍ରାମର 'ଦିଶାରୀ' ଯାହାକୁ କି ସେମାନେ ଭଗବାନ ବା ଅଦୃଶ୍ୟ ଶକ୍ତିର ପ୍ରତିନିଧି ରୂପେ ଭାବନ୍ତି, ସେମାନେ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ବିବାହ କାର୍ଯ୍ୟ ଗ୍ରାମର ପୁରୋହିତ ଜାନୀଙ୍କ ଦ୍ୱାରା ସଂପନ୍ନ ହୋଇଥାଏ । କନ୍ୟାସୂନା ସ୍ଥିର ନହେବା ଯାକେ ବିବାହ ସ୍ଥିର ହୋଇନଥାଏ । ସେମାନେ ସାଧାରଣତଃ କନ୍ୟାସୂନାରେ ଟଙ୍କା, ଅଳଙ୍କାର ଏବଂ ମଇଁଷି ଦେଇଥାନ୍ତି । କନ୍ଧ ସଂପ୍ରଦାୟରେ ବାଲ୍ୟ ବିବାହ, ବିଧବା ବିବାହ ଏବଂ ଛାଡ଼ପତ୍ର କ୍ଷେତ୍ରରେ ମଧ୍ୟ ପୁନଃ ବିବାହ ପ୍ରଥା ପ୍ରଚଳିତ ଅଛି ।

ପର୍ବପର୍ବାଣିରେ କନ୍ଧ ପୁଅ, ଝିଅ ଉଭୟ ମିଶି ନାଚ଼ଗୀତ କରିଥାନ୍ତି । ଉତ୍ସବ ପାଳନ ସମୟରେ ସେମାନେ ଛେଳି, ମେଣ୍ଢା, ମଇଁଷିକୁ ମାରି ତା'ର ମାଂସକୁ ଭକ୍ଷଣ କରିଥାନ୍ତି । ଉଭୟ ପୁରୁଷ ଏବଂ ସ୍ତ୍ରୀ ମହୁଆ ମଦ ଏବଂ ହାଣ୍ଡିଆ ପିଇଥାନ୍ତି ।

ମଦନପୁର-ରାମପୁର ରାଜ୍ୟର ଗଡ଼ମାନଙ୍କ ମଧ୍ୟରୁ ଉର୍ଲାଦାନୀ(ବାନ୍ଦାଗାଡ଼ା) ଗଡ଼ ସେହି ସମୟରେ ଗୌରବମୟ ତଥା କାଳଜୟୀ ଇତିହାସ ସୃଷ୍ଟି କରିପାରିଥିଲା ଏବଂ ସ୍ୱାଧୀନତା ସଂଗ୍ରାମର ମହାଯଜ୍ଞରେ କଳାହାଣ୍ଡି ତରଫରୁ ରକ୍ତାହୁତି ଦେଇ ଇଂରେଜ ବିରୋଧରେ ଯୁଦ୍ଧର ଡିଣ୍ଡିମ ବଜେଇ ଥିଲା । ଉର୍ଲାଦାନୀ ଗାଁରେ ଉମ୍‌ରାମାନେ ଶାସନ କାର୍ଯ୍ୟରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ ।

ଏହି କନ୍ଧ ବହୁଳ ଗ୍ରାମର ମୁଖିଆଙ୍କୁ "ଗଉନ୍ତିଆ" କୁହାଯାଏ । ସେ ଗାଁରେ "ଧରନୀ ମାତା"ଙ୍କୁ ପୂଜା କରନ୍ତି । ତାଙ୍କ ସାଙ୍ଗରେ ଥାଏ କନ୍ଧ "ଜାନୀ" । ଏହି ଜାନୀଙ୍କ ଶରୀରରେ ଦେବୀ ପ୍ରବେଶ କରି ଲୋକମାନଙ୍କୁ ରୋଗରୁ ରକ୍ଷା କରନ୍ତି ବୋଲି କନ୍ଧ ସମାଜରେ ବିଶ୍ୱାସ ରହିଛି । ଏହି କନ୍ଧମାନେ ପ୍ରକୃତି ପୂଜକ, ମାଟିକୁ "ଧରନୀମାତା" ବୋଲି କହିଥାନ୍ତି । ଉପରେ ଧରମ୍ ଦେବତା ଓ ତଳେ ଧରନୀମାତା, ପ୍ରକୃତିର ଏହି ମୂଳ ଶକ୍ତିକୁ ନେଇ ସଂସାରର ସୃଷ୍ଟି ।

କନ୍ଧମାନଙ୍କର ବିଶ୍ୱାସ ଯେ, ଧରନୀ ମାତାର ଦାନ ହେଉଛି ମଣିଷ, ପଶୁପକ୍ଷୀ ଓ ବୃକ୍ଷଲତା । ତେଣୁ ମାଟି ହିଁ ସେମାନଙ୍କର ଉତ୍ପତ୍ତି ଏବଂ ସମୃଦ୍ଧିର ମୂଳ ଉତ୍ସ ବୋଲି ସେମାନେ ଭାବିଥାନ୍ତି । ଆଉ ମଧ୍ୟ ମାଟି ଉପରେ ସେମାନଙ୍କର ଅଧିକାରକୁ ସେମାନେ ଧରନୀ ମାତାଙ୍କ ଦାନ ବୋଲି ଭାବିଥାନ୍ତି । ସେମାନଙ୍କର ବିଶ୍ୱାସ ଯେ, ଜନବସତିର ସୃଷ୍ଟି ପ୍ରଥମେ ସେମାନଙ୍କ ଦ୍ୱାରା ହିଁ ହୋଇଥିଲା । ସେଥିପାଇଁ କନ୍ଧମାନେ କହିଥାନ୍ତି ।

କନ୍ଧ କୁଇମେଲ୍ ମାଟିର ଦୁବ୍
ଯେନ୍‌ନ ବସ୍‌ଲେ ସେଠାନ୍ ଶୁଭ ।

ଏହାର ଅର୍ଥ ହେଲା କନ୍ଧ, କୁଇ ମେଲ ମୂଷା ଓ ଦୁବ୍ ଘାସ ଯେଉଁଠି ଥିଲେ ସେ ସ୍ଥାନଟି ଶୁଭ ।

ଏହି କନ୍ଧମାନଙ୍କର ପାଟମାଝୀ ଥିଲେ ଉର୍ଲାଦାନୀ ଗଡ଼ର ମୁଖିଆ ରେଣ୍ଡୋ ମାଝୀ । ସେ ୩୮ ଖଣ୍ଡ ଗାଁର ଗ୍ରାମବାସୀଙ୍କର ସୁବିଧା, ଅସୁବିଧା, ଭଲ ମନ୍ଦ, ସୁଖ ଦୁଃଖ, ସବୁ ବୁଝୁଥିଲେ । କଳାହାଣ୍ଡି ରାଜ୍ୟର ରାଜାଙ୍କର ସାନ ଭାଇ ରାମପୁର ରାଜ୍ୟ ଶାସନ କରୁଥିଲେ । ରେଣ୍ଡୋ ମାଝୀଙ୍କର ନେତୃତ୍ୱରେ ପରିଚାଳିତ ହେଉଥିବା ଗ୍ରାମଗୁଡ଼ିକ ବେଶ ଶୃଙ୍ଖଳିତ ଥିଲା । ରେଣ୍ଡୋ ମାଝୀଙ୍କର ଲୋକମାନଙ୍କ ପ୍ରତି ଥିବା ଭଲ ପାଇବା, ଶ୍ରଦ୍ଧା, ଆଦର, ଯତ୍ନ ଏବଂ ସ୍ନେହପୂର୍ଣ୍ଣ ଶାସନକୁ ଦେଖି ରାମପୁରର ରାଜା ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଏଥିପାଇଁ ସେ ରାମପୁର ରାଜାଙ୍କର

ଅତ୍ୟନ୍ତ ପ୍ରିୟ ପାତ୍ର ଥିଲେ । ସମଗ୍ର ରାମପୁରରେ ରେଣ୍ଡୋ ମାଝୀଙ୍କୁ ପାଟ ମାଝୀ ରୂପେ ଲୋକମାନେ ଜାଣିଥିଲେ ।

ରେଣ୍ଡୋ ମାଝୀଙ୍କର ପିତୃ ଦତ୍ତ ନାମ ଥିଲା "ରିନ୍ଦୋ ମାଝୀ" । ପରବର୍ତ୍ତୀ କାଳରେ ଇଂରେଜ ଶାସନ ସମୟରେ ସେମାନଙ୍କ ଭାଷାଗତ ଜଟିଳତା ଦୃଷ୍ଟିରୁ ସେମାନେ ରିନ୍ଦୋ ଶବ୍ଦକୁ ଅପଭ୍ରଂଶ କରି ରେଣ୍ଡୋ ବୋଲି ଉଚ୍ଚାରଣ କରିଥିଲେ । ଫଳରେ ସେହି ସମୟରୁ ତାଙ୍କର ନାମ 'ରିନ୍ଦୋ' ପରିବର୍ତ୍ତେ "ରେଣ୍ଡୋ ମାଝୀ" ବୋଲି ପ୍ରତ୍ୟେକ କାଗଜ; ନଥିପତ୍ରରେ ଉଲ୍ଲେଖିତ ହୋଇଛି ।

କଳାହାଣ୍ଡି ଜିଲ୍ଲାରେ ବସବାସ କରୁଥିବା କନ୍ଧମାନେ ବିଭିନ୍ନ ଅଞ୍ଚଳର ମୁଖିଆ ରହିଥିଲେ । ବିଭିନ୍ନ ଅଞ୍ଚଳକୁ ଭିନ୍ନ ଭିନ୍ନ ବର୍ଗର କନ୍ଧ ମୁଖିଆମାନେ ଶାସନ କାର୍ଯ୍ୟରେ ସହଯୋଗ କରୁଥିଲେ । କନ୍ଧମାନେ ସାଧାରଣତଃ ସରଳ ବିଶ୍ୱାସୀ, ନିରୀହ, ନିଷ୍କପଟ ପ୍ରକୃତିର କିନ୍ତୁ ସେମାନେ ଥରେ ଯାହା ବୁଝିଥିବେ ସେଥିରୁ ତାଙ୍କୁ କେହି ହଟେଇ ପାରିବେନି । ଯଦି କୌଣସି କଥାକୁ ନେଇ ଶାସକ ଓ କନ୍ଧମାନଙ୍କ ମଧ୍ୟରେ ମନୋମାଳିନ୍ୟ ବା ମତାନ୍ତର ଦେଖାଦିଏ, ତେବେ ତାଙ୍କୁ ବୁଝାଇବା କଷ୍ଟକର ହୋଇପଡ଼େ । ସେମାନେ ତାଙ୍କ ଜିଦ୍‌ରେ ଅଟଳ, କେବେ କାହାରି ପାଖରେ ମୁଣ୍ଡ ପାତିବେନି । ଅନ୍ୟାୟ ଏବଂ ମିଥ୍ୟା ବିରୋଧରେ ସେମାନେ ଗଭୀର ଭାବରେ ପ୍ରତିବାଦ କରିଥାନ୍ତି । ସେଥିପାଇଁ ସେଠାକାର ରାଜାମାନଙ୍କୁ ହିଁ କନ୍ଧମାନଙ୍କ ସହିତ ବୁଝାମଣା କରିବାକୁ ପଡ଼ିଥାଏ । କାରଣ ସେ ଅଞ୍ଚଳରେ ସର୍ବାଧିକ କନ୍ଧ ଲୋକ ବାସ କରନ୍ତି । ରାଜାମାନଙ୍କୁ ତେଣୁ କନ୍ଧମାନଙ୍କ ମତି ଅନୁସାରେ ଚଳିବାକୁ ପଡ଼ିଥାଏ । କିମ୍ବଦନ୍ତୀ ଅନୁସାରେ କଳାହାଣ୍ଡିରେ ଯେତେବେଳେ ନାଗରାଜା ଶାସନ କରୁଥିଲେ, ସେହି ସମୟରେ କୌଣସି କାରଣ ବଶତଃ ନାଗ ରାଜା ଏବଂ କନ୍ଧମାନଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଥିଲା । ଫଳରେ କନ୍ଧମାନେ ନାଗରାଜାଙ୍କୁ ଅସହଯୋଗ କଲେ । କନ୍ଧମାନଙ୍କର ନେତା ଯାହା କହିବେ ତାକୁ ସମସ୍ତେ ମାନନ୍ତି । କିଛି ଅସୁବିଧା ହେଲେ ସମସ୍ତେ ନିଜ ନିଜର ସବୁ କାମ ଧନ୍ଦା ଛାଡ଼ି ଏକତ୍ର ହୋଇଥାନ୍ତି । ସେମାନଙ୍କ ମଧ୍ୟରେ ସଦ୍‌ଭାବପନ୍ନ ଭାବ ଦୃଢ ବୋଲି ପ୍ରତୀୟମାନ ହୁଏ ।

ସେମାନଙ୍କ ମଧ୍ୟରେ ଥିବା ଆନ୍ତରିକତା ଏହି ସବୁ ଘଟଣାରୁ ବେଶ ଅନୁମାନ କରିହୁଏ । ଅନେକ ସମୟରେ କନ୍ଧମାନେ ଏକଜୁଟ ହୋଇ ନାଗରାଜଙ୍କୁ ପ୍ରତିରୋଧ ମଧ୍ୟ କରନ୍ତି । ଯାହାକି ନାଗରାଜାଙ୍କ ପାଇଁ ଚିନ୍ତାର ବିଷୟ ହୋଇଯାଇଥିଲା । କାରଣ ସେ ଜାଣିଥିଲେ ଏହି କ୍ରୋଧୀ କନ୍ଧ ଗୋଷ୍ଠୀ ଚାହିଁଲେ ନିମିଷକରେ ସବୁ ଓଲଟପାଲଟ କରିଦେବେ । ତେଣୁ ନାଗରାଜା ସେମାନଙ୍କ ସହିତ ଶତ୍ରୁତା ନ କରି ବନ୍ଧୁତା କରିବାକୁ ମନ ବଳାଇଥିଲେ । ସେ କନ୍ଧମାନଙ୍କର ମନ ଜିଣିବା ପାଇଁ ତଥା ନିଜ ପକ୍ଷକୁ ଆଣିବା ପାଇଁ ନାଗରାଜା କନ୍ଧ ସର୍ଦ୍ଦାରଙ୍କ ଝିଅକୁ ବାହା ହୋଇ ପାଟରାଣୀର ଆସନ ଦେଲେ । ଫଳରେ ସେମାନଙ୍କ ମଧ୍ୟରେ ଏକ ସୁସଂପର୍କ ଗଢି ଉଠିଥିଲା । ସେହି ଦିନଠାରୁ ନାଗରାଜା କନ୍ଧମାନଙ୍କର ଜ୍ୱାଇଁ ଭାବେ ସମ୍ମାନିତ ହୋଇଥିଲେ । ଏହି ବିବାହ ଦ୍ୱାରା ପୂର୍ବରୁ ଚାଲିଥିବା ବିଦ୍ରୋହ ଏବଂ ଶତ୍ରୁତାର ଅବସାନ ଘଟିଥିଲା । ମନ ମଧ୍ୟରେ ଥିବା ସବୁ ଦ୍ୱନ୍ଦ, ମତାନ୍ତର, ମନାନ୍ତର, ସ୍ନେହ, ସୌହାର୍ଦ୍ଦ୍ୟ ବୁଝାମଣା, ଆନ୍ତରିକତାରେ ରୂପାନ୍ତରିତ ହୋଇଥିଲା । ସେଥିପାଇଁ ପୂର୍ବ କାଳରେ ରାଜପରିବାରରେ କୌଣସି ରାଜାଙ୍କର ଅଭିଷେକ ହେବା ସମୟରେ କନ୍ଧମାନେ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କରେ ନିୟମାନୁଯାୟୀ କେତେକ କର୍ମକାଣ୍ଡରେ ଅଂଶ ଗ୍ରହଣ କରିଥାନ୍ତି । ଏହି କାର୍ଯ୍ୟ ବିଭିନ୍ନ ବର୍ଗର କନ୍ଧମାନଙ୍କ ପାଇଁ ଭିନ୍ନ ଭିନ୍ନ ହୋଇଥାଏ । ପ୍ରତ୍ୟେକ ବର୍ଗର କନ୍ଧ ଗୋଷ୍ଠୀ ମଧ୍ୟରେ କିଛି କିଛି ବିଶେଷତ୍ୱ ଥାଏ । ଯାହାକି ଗୋଟିଏ ବର୍ଗଠାରୁ ଅନ୍ୟ ବର୍ଗକୁ ପୃଥକ ବୋଲି ଚିହ୍ନଟ କରିବାରେ ସାହାଯ୍ୟ କରେ । ରାଜାମାନେ କେବଳ ସେର୍ ମେଲ୍କା ବର୍ଗର କନ୍ଧର ଝିଅକୁ ବିଭା ହୋଇଥାନ୍ତି ଏବଂ ତାକୁ ସେହି ରାଜବଂଶର ପାଟରାଣୀ କରିଥାନ୍ତି । ସେହିପରି ରାଜ୍ୟାଭିଷେକ ସମୟରେ ବୁଣକା ବର୍ଗର କନ୍ଧ ଉମ୍ରା ରାଜାଙ୍କ ମୁଣ୍ଡରେ ପଗଡ଼ି ବାନ୍ଧିଥାଏ । ସେହି ସମୟରେ ଡୁଡୁକା ବର୍ଗର କନ୍ଧ ଉମ୍ରା ରାଜାଙ୍କୁ କୋଳରେ ଧରି ବସେ ।

## ମୁକ୍ତି ସଂଗ୍ରାମ ଓ କଳାହାଣ୍ଡିର କନ୍ଧ :

ପାହାଡ଼ ପର୍ବତ ଘେରା ଘଞ୍ଚ ଜଙ୍ଗଲ ମଧ୍ୟରେ ବାସ କରୁଥିବା କନ୍ଧ ଜନଜାତିମାନଙ୍କର ମାଟି ପ୍ରତି ମୋହ ଅଧିକ । ସେମାନେ ନିଜକୁ ମାଟି ବା ଭୂମିର

ସନ୍ତାନ ବୋଲି କହିଥାନ୍ତି । କନ୍ଧମାନେ ପ୍ରକୃତିର ସନ୍ତାନ ହୋଇଥିବା କଥା ବିଶ୍ୱାସ କରି ପ୍ରକୃତିର ସବୁ କିଛି ସେମାନଙ୍କର ବୋଲି ଭାବିଥାନ୍ତି । ସେମାନେ ଜଙ୍ଗଲ ଉପରେ ଭରସା କରି ଚଳୁଥିବା ହେତୁ ଋଷ କାର୍ଯ୍ୟ କରୁନଥିଲେ କି ରାଜାଙ୍କୁ ରାଜସ୍ୱ ଦେଉ ନଥିଲେ । ଭୂମିକୁ ସେମାନେ ନିଜସ୍ୱ ବୋଲି ଭାବୁଥିଲେ । ମାଟି ମା'ର ସନ୍ତାନ ଭାବରେ ତାଙ୍କର ତା' ଉପରେ ପୂର୍ଣ୍ଣ ଅଧିକାର ଥିଲା । ସେମାନେ ରାଜସ୍ୱ ଦେବା କଥାଟା ମଧ୍ୟ ବୁଝି ନଥିଲେ । କନ୍ଧମାନଙ୍କ ପରି ସେହି ଅଞ୍ଚଳରେ ବାସ କରୁଥିବା ଅନ୍ୟାନ୍ୟ ଜନଜାତି ତଥା 'ଗଣ୍ଡ'ମାନେ ମଧ୍ୟ ରାଜାଙ୍କୁ ରାଜସ୍ୱ ଦେଉନଥିଲେ । କଳାହାଣ୍ଡିରେ ସର୍ବାଧିକ ସଂଖ୍ୟାରେ କନ୍ଧମାନେ ବାସ କରୁଥିଲେ । ମରହଟ୍ଟା ଶାସକ ଦ୍ୱିତୀୟ ରଘୁଜୀ କଳାହାଣ୍ଡି ସମେତ ପାଟଣା ଓ ସମ୍ବଲପୁର ରାଜ୍ୟକୁ ଶାସନ କରୁଥିଲେ । ଏହାଥିଲା ୧୮୦୬ ମସିହା କଥା । ଦ୍ୱିତୀୟ ରଘୁଜୀଙ୍କ ଶାସନ କାଳ ଅତି ଉତ୍ତମ ଥିଲା । ସେ ଜଣେ ପ୍ରଜା ବତ୍ସଳ ରାଜା ଥିଲେ । ତାଙ୍କ ଶାସନ କାଳରେ ସାମାଜିକ, ଅର୍ଥନୈତିକ ଉନ୍ନତି ସମ୍ଭବପର ହୋଇପାରିଥିଲା । ତାଙ୍କର ଶାସନ କାଳରେ ରାଜ୍ୟରେ ଶାନ୍ତି, ଆନନ୍ଦ ଏବଂ ସମୃଦ୍ଧି ବିରାଜମାନ କରୁଥିଲା । ୧୮୦୬ରୁ ୧୮୧୮ ମସିହାରେ ଇଂରେଜ-ମରାଠା ଯୁଦ୍ଧ ହୋଇଥିଲା । ଏ ଯୁଦ୍ଧରେ ନାଗପୁରର ରାଜା ଡେଁଉସା ରଘୁଜୀ ହାରିଯାଇଥିଲେ । ଫଳରେ ସମଗ୍ର ନାଗପୁର ରାଜ୍ୟ ଇଂରେଜ ଶାସକଙ୍କ ଅଧୀନକୁ ଋଲିଯାଇଥିଲା । ୧୮୫୩ ମସିହାରେ କଳାହାଣ୍ଡି ଯାହାକି ବହୁ ପୂର୍ବରୁ ନାଗପୁର ରାଜ୍ୟ ଅଧୀନରେ ଥିଲା ଇଂରେଜମାନଙ୍କ ଅଧୀନକୁ ଋଲିଆସିଲା । ଏହି ସମୟ ଥିଲା କଳାହାଣ୍ଡି ରାଜ୍ୟ ପ୍ରତି ଏକ ଦୁଃସମୟ । ଇଂରେଜ ଶାସକର ଚତୁରତାର ଶିକାର ହୋଇଥିଲେ କଳାହାଣ୍ଡିର ଜନସାଧାରଣ ତଥା ନିରୀହ ଆଦିବାସୀ । କଳାହାଣ୍ଡି ଭାଗ୍ୟାକାଶକୁ ବିପଦର କରାଳ ଛାୟା ମାଡ଼ି ବସିଥିଲା । ୧୮୩୧ ମସିହାରୁ ଶାସନ ଭାର ଗ୍ରହଣ କରିଥିବା ଫତେ ନାରାୟଣ ଦେଓଙ୍କର ୧୮୫୪ ମସିହାରେ ମୃତ୍ୟୁବରଣ କରିଥିଲେ । ସେ ଜଣେ ଉତ୍ତମ ପ୍ରଜାବତ୍ସଳ ରାଜା ଥିଲେ । କଳାହାଣ୍ଡିର ପ୍ରଜାମାନଙ୍କର ଭଲ ମନ୍ଦ, ସୁଖ ଦୁଃଖ ବୁଝିବାରେ ରାଜା ଫତେ ନାରାୟଣ ଦେଓ କେବେ ହେଲେ ଦ୍ୱିଧା ପ୍ରକାଶ କରିନଥିଲେ । ପ୍ରଜାମାନଙ୍କ ସୁଖରେ ସୁଖୀ ଏବଂ

ଦୁଃଖରେ ଦୁଃଖୀ ହେଉଥିଲେ । ତାଙ୍କର ପ୍ରଜାବତ୍ସଳତା ଓ ଉତ୍ତମ ଚରିତ୍ର ଯୋଗୁଁ ସେ କଳାହାଣ୍ଡିରେ ସମସ୍ତଙ୍କର ପ୍ରିୟ ପାତ୍ର ହୋଇପାରିଥିଲେ । ତାଙ୍କର ଶାସନ ବ୍ୟବସ୍ଥାକୁ ସ୍ୱାୟତ୍ତ ଶାସନ ବ୍ୟବସ୍ଥା କୁହାଯାଉଥିଲା । ତାଙ୍କର ମୃତ୍ୟୁ ପରେ ଉତ୍ତରାଧିକାରୀ ସୂତ୍ରରେ ରାଜା ଉଦିତ୍ ପ୍ରତାପ ଦେଓ କଳାହାଣ୍ଡି ରାଜ୍ୟର ଶାସନ ଭାର ଗ୍ରହଣ କରିଥିଲେ । ସେ ମଧ୍ୟ ଜଣେ ଉତ୍ତମ ତଥା ପରାକ୍ରମଶାଳୀ ଶାସକ ଥିଲେ । ସମଗ୍ର ରାଜ୍ୟର ସୁପରିଚାଳନା ତାଙ୍କୁ ଭଲଭାବେ ଜଣାଥିଲା । ସବୁ ସମସ୍ୟାର ସମାଧାନ ସେ ଠିକ୍ ଭାବରେ କରିପାରୁଥିଲେ । ପ୍ରଜାମାନଙ୍କ ମଧ୍ୟରେ ମତାନ୍ତର ଏବଂ ମନାନ୍ତର ଦ୍ୱାରା ସୃଷ୍ଟି ହେଉଥିବା ବିଦ୍ରୋହ, ଆନ୍ଦୋଳନ, ବିକ୍ଷୋଭର ସେ ଆଶୁ ସମାଧାନ ଅତି ସହଜରେ କରିପାରୁଥିଲେ । ଉଦାହରଣସ୍ୱରୂପ, ରାଜା ଉଦିତ୍ ପ୍ରତାପ ଦେଓଙ୍କ ସମୟରେ ଜମିଦାରମାନଙ୍କ ମଧ୍ୟରେ ଅଶାନ୍ତିର ବହ୍ନି ପ୍ରଜ୍ୱଳିତ ହୋଇ ବିଦ୍ରୋହର ରୂପ ଗ୍ରହଣ କରିଥିଲା । ଯାହାକୁ କି ରାଜା ଅତି ସୁନ୍ଦର ଭାବରେ ସମାଧାନ କରି ପାରିଥିଲେ । ସେ ଜଣେ ପୋଖତ୍ ରାଜନୈତିଜ୍ଞ ଥିଲେ । ତାଙ୍କୁ ପ୍ରକୃତ ରାଜନୀତି ଜଣାଥିଲା । କିନ୍ତୁ ଏହି ରାଜାଙ୍କର ରାଜତ୍ୱ ସମୟରୁ ହିଁ ବ୍ରିଟିଶ୍ ସାମ୍ରାଜ୍ୟର ପ୍ରବେଶ ଆରମ୍ଭ ହୋଇଥିଲା । ଇଂରେଜମାନେ ନିଜର ଏକଚାଟିଆ ନୀତି ପ୍ରଦର୍ଶନ କରି ସମଗ୍ର କଳାହାଣ୍ଡିକୁ ନିଜ ଅକ୍ତିଆରକୁ ନେଇ ଯାଇଥିଲେ । ଏହାପରେ ଇଂରେଜ ସରକାରଙ୍କ ଅତ୍ୟାଚାର ରୂପକ ମହାମାରୀ ଦ୍ୱାରା ଜନତା ଆତଙ୍କିତ ହୋଇପଡ଼ିଥିଲେ । ଏହି ସମୟରୁ ପ୍ରଜାମାନଙ୍କ ଅନ୍ତର ତଳେ ପ୍ରତିଶୋଧ ପାଇଁ ବିଦ୍ରୋହର ଶିଖା ଜଳି ଉଠିଥିଲା ।

ବିଦ୍ରୋହ ଚାଲିଥାଏ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଖୋର୍ଦ୍ଧାର ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଆଉ ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏଙ୍କ ପୌରୋହିତ୍ୟରେ ଚାଲୁଥିବା ସଂଗ୍ରାମ ନେଇ ଇଂରେଜ ସେନା ପ୍ରମାଦ ଗଣୁଥାନ୍ତି । ଇଂରେଜ ସରକାରଙ୍କର ସନ୍‌ସେଟ ଲ' ତଥା ଜନସ୍ୱାର୍ଥ ବିରୋଧି ଭୂରାଜସ୍ୱ ଆଇନ ଦ୍ୱାରା ଅନେକ ଭୂମି ମାଲିକ ଓ ଜମିଦାର ନିଜ ଜମିରୁ ଉଚ୍ଛେଦ ହୋଇଥିଲେ । ଏହା ଜନତାଙ୍କ ପ୍ରତି କଟା ଘା'ରେ ଚୂନ ଦେବା ସଦୃଶ୍ୟ କଷ୍ଟଦାୟକ ଥିଲା ।

ଯେଉଁ ଦିନଠାରୁ ଲେଫଟ୍‌ନାଣ୍ଟ ମ୍ୟାକ୍‌ନିଏଲ ସାହେବ ମଦନପୁର-ରାମପୁର ରାଜ୍ୟର ଉର୍ଲାଦାନୀ (ବାନ୍ଧାଗାଡ଼ା) ଗଡ଼ରେ ପ୍ରଥମେ ପାଦ ଦେଇଥିଲେ, ସେହିଦିନଠାରୁ ସେଠାରେ ବସବାସ କରୁଥିବା କନ୍ଧମାନଙ୍କର ଦୁର୍ଦ୍ଦିନ ଆରମ୍ଭ ହୋଇଥିଲା ।

ଲେଫ୍‌ଟ୍‌ନାଣ୍ଟ ମ୍ୟାକ୍‌ନିଏଲ୍ ଏହି ଉର୍ଲାଦାନୀ ମାଳ ଅଞ୍ଚଳରେ ଇଂରେଜ ଶାସନର ମୂଳଦୁଆ ସ୍ଥାପନ କରିଥିଲେ । ସେ ଜାଣିପାରିଲେ ଯେ, ଏଠାରେ ପ୍ରଚୁର ବନଜାତ ଦ୍ରବ୍ୟ ମହଜୁଦ୍ ଅଛି । ଯାହାକୁ ବ୍ୟବହାର କରି ସେମାନେ କଞ୍ଚାମାଲ ସହିତ ବେଶ୍ କିଛି ଅର୍ଥ ମଧ୍ୟ ଉପାର୍ଜନ କରିପାରିବେ । ଏହି କଥା ମନରେ ବିଚାର କରି ସେ ପ୍ରଥମେ ରାଜାଙ୍କୁ ହାତ କରି ନେବା ପାଇଁ ଚେଷ୍ଟା କରିଥିଲେ । ଯେଉଁଥିପାଇଁ ସେ ରାଜାଙ୍କ ନିକଟକୁ ସନ୍ଧିପତ୍ର ପଠାଇଥିଲେ । ଚତୁର ଇଂରେଜ ଗୋଷ୍ଠୀର ଏହି ସନ୍ଧିପତ୍ରକୁ ରାଜା ପ୍ରଥମେ  ଏଡ଼ାଇ ଦେଇଥିଲେ । କିନ୍ତୁ ଗୋରା ସାହେବମାନେ ଏଥିରେ ହଟିଯାଇନଥିଲେ । ଲେଫ୍‌ଟ୍‌ନାଣ୍ଟ ମ୍ୟାକ୍‌ନିଏଲ୍ ସାହେବ ତାଙ୍କର କୁଟିଳ ନୀତି ପ୍ରୟୋଗ କଲେ ଏବଂ ସଫଳ ହେଲେ ମଧ୍ୟ । ପ୍ରଥମେ ତାଙ୍କର ଦୃଷ୍ଟି ଏହି ନୀରିହ ଆଦିବାସୀ ଗୋଷ୍ଠୀ ବ୍ୟବହାର କରୁଥିବା ଚଷଜମି ଏବଂ ଜଙ୍ଗଲ ଉପରେ ପଡ଼ିଥିଲା । ଇଂରେଜ ସରକାର ଏହା ଉପରେ କର ବସାଇ ଥିଲେ । ଫଳରେ ସେ ଅଞ୍ଚଳରେ ବାସ କରୁଥିବା ନିଷ୍କପଟ କନ୍ଧ ଗୋଷ୍ଠୀର ଜୀବନ ଓ ଜୀବିକା ବିଷମୟ ହୋଇ ପଡ଼ିଥିଲା । ସେମାନେ ସାଧାରଣ ମଣିଷର ଅର୍ଥନୈତିକ ଅବସ୍ଥାକୁ ପଙ୍ଗୁ କରି ତା' ଉପରେ ହୁକୁମ୍ ଚଳାଇବା ଆରମ୍ଭ କରି ଦେଉଥିଲେ ।

କନ୍ଧ ଆଦିବାସୀ ଗୋଷ୍ଠୀମାନଙ୍କର ଜଙ୍ଗଲ ଉପରେ ସଂପୂର୍ଣ୍ଣ ଅଧିକାର ଥାଏ । ସେମାନେ ଜଙ୍ଗଲରୁ ତାଙ୍କର ଦୈନନ୍ଦିନ ଜୀବନର ଆବଶ୍ୟକୀୟ ପଦାର୍ଥ ସଂଗ୍ରହ କରିଥାନ୍ତି । ଏହା କାହାରି ଦାନ ବା ଦୟା ନୁହେଁ । ଧରଣୀ ମାତା ସେମାନଙ୍କୁ ଏହି ଜଙ୍ଗଲ ଦେଇଛି  ଏହା ଉପରେ ତାଙ୍କର ପୂର୍ଣ୍ଣ ସ୍ୱାଧୀନତା ଅଛି । ତେଣୁ ସେ ଏହି ଜଙ୍ଗଲ ଉପରେ ନିର୍ଭର କରି ତାଙ୍କର ଜୀବିକାର୍ଜନ କରିଥାନ୍ତି । ଯେଉଁ ଜଙ୍ଗଲ ଜନତାର ସୁଖଦୁଃଖର ସାହାଭରସା ଏବଂ ସାଥି ଥିଲା ସେହି ଜଙ୍ଗଲରୁ ଜାତ

ଦ୍ରବ୍ୟକୁ ବ୍ୟବହାର କରିବା ପାଇଁ ଆଦିବାସୀମାନଙ୍କୁ କଂପାନୀ ସରକାରକୁ କର ଦେବାକୁ ପଡ଼ିବ ବୋଲି ଆଇନ୍ ପ୍ରଣିତ କରାଗଲା । ଖାଲି ଜଙ୍ଗଲଜାତ ଦ୍ରବ୍ୟ ଉପରେ ସରକାର କର ବସାଇ ମନ ଶାନ୍ତି ହେଲା ନି ଯେ, ସେ ଏହି ଗରିବ ଆଦିବାସୀର ରୋଜଗାରର ଅନ୍ୟଏକ ପନ୍ଥା ଚାଷ ଜମି ଉପରେ ମଧ୍ୟ କର ଲାଗୁ କରି ତା'ର ନିହାତି ନିଜର ଚାଷ ଜମି ଏବଂ ଜଙ୍ଗଲ ପାଇଁ ତାକୁ ଗୋରା ସାହେବଙ୍କୁ କର ଦେବା କଥା ବାସ୍ତବରେ ଅତ୍ୟନ୍ତ ମର୍ମସ୍ପର୍ଶୀ ଘଟଣା ତାହା ସହଜରେ ଅନୁମାନ କରି ହୁଏ । ଏହିପରି ଏକ ଦୁଃଖ ଦାୟକ ଘଟଣା ସେମାନଙ୍କ ଜୀବନରେ ଘଟିବ ତାହା ଏହି ସରଳବିଶ୍ୱାସୀ, ଆଦିବାସୀ ଗୋଷ୍ଠୀ କେବେ ସ୍ୱପ୍ନରେ ମଧ୍ୟ ଭାବି ନଥିଲେ । ଏହିପରି ଭାବରେ ସରଳ ବନବାସୀ ଜନତାଙ୍କ ଉପରେ ଅତ୍ୟାଚାର ଏବଂ ଶୋଷଣ ମାତ୍ରା ବଢି ଚାଲିଲା । ସେମାନଙ୍କର ବଞ୍ଚିବା କଷ୍ଟକର ହୋଇଗଲା । ଜୀବନ ଧାରଣର ମାନ ଦିନକୁ ଦିନ ଦୟନୀୟ ହେବାକୁ ଲାଗିଲା । ଫଳରେ ଧିରେ ଧିରେ ଏହି ଆଦିବାସୀଙ୍କର ଆର୍ଥିକ, ସାମାଜିକ ତଥା ନୈତିକ ପ୍ରଗତିରେ ଅଧୋଗତି ହେଲା । ସେମାନଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିଲା । ତାଙ୍କର ସ୍ୱଚ୍ଛନ୍ଦମୟ ଜୀବନଧାରା ଶୃଙ୍ଖଳବଦ୍ଧ ହେବାରୁ ସେମାନେ ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲେ ।

ଏଥିସହ ଗଞ୍ଜାମ ଜିଲ୍ଲାର କୁମୁଟି ମହାଜନଙ୍କ ହାତରେ ଏଠିକାର ଜଙ୍ଗଲ ଠିକା ଦିଆଗଲା । ହରିଡ଼ା, ବାହାଡ଼ା, ମହୁଲ, ଝୁଣା, କେନ୍ଦୁପତ୍ର, ଲାଖ ପ୍ରଭୃତି ଜଙ୍ଗଲ ଜାତ ଦ୍ରବ୍ୟ କୁମୁଟି ମହାଜନମାନେ କିଣିବା ଆରମ୍ଭ କରିଦେଲେ ।

ସରକାରଙ୍କର ହୁକୁମ୍ ବିନା ଟିକସରେ ବନ୍ୟଜାତ ଦ୍ରବ୍ୟକୁ କେହି ଛୁଇଁ ପାରିବେନି । ଆଦିବାସୀମାନଙ୍କର ନିଜ ଜିନିଷ ଉପରୁ ଅଧିକାର ଚାଲି ଯାଇଥିଲା । ସରକାରଙ୍କର ଟିକସ ଆଦାୟ କରିବା ସହିତ କୁମୁଟି ମହାଜନମାନେ ଅତି କମ୍ ମୂଲ୍ୟରେ ଏହି ମୂଲ୍ୟବାନ ଜଙ୍ଗଲଜାତ ଦ୍ରବ୍ୟକୁ କିଣିବାକୁ ଲାଗିଲେ । ସାଧାରଣ ନିରୀହ ଆଦିବାସୀମାନେ, ସରକାରଙ୍କ ନିର୍ମମ ନିୟମ ଫଳରେ ନିର୍ଯ୍ୟାତିତ ହେବାକୁ ଲାଗିଲେ, ଫଳରେ ଏହା ସେମାନଙ୍କୁ ବେଢ଼ି ଉପରେ କୋରଡ଼ା ମାଡ଼ପରି ଅତି

ଯନ୍ତ୍ରଣା ଦାୟକ ହୋଇ ପଡ଼ିଥିଲା । ସରକାରଙ୍କ ଅତ୍ୟାଚାର ଏବଂ ଶୋଷଣରେ ଆଦିବାସୀମାନେ ଅଣନିଶ୍ୱାସୀ ହୋଇଗଲେ ।

ଏଇଠାରୁ ହିଁ ଆରମ୍ଭ ହେଲା ଇଂରେଜ ଓ ଆଦିବାସୀମାନଙ୍କ ମଧ୍ୟରେ ବିଦ୍ରୋହର ସୂତ୍ରପାତ । କାରଣ ସେମାନେ ପୂର୍ବରୁ ରାଜସ୍ୱ ନେଉ ନଥିଲେ । ରାଜାମାନେ ମଧ୍ୟ କନ୍ଧମାନଙ୍କଠାରୁ ରାଜସ୍ୱ ଆଦାୟ ନକରି ସେମାନଙ୍କୁ ଦେଶ ରକ୍ଷା କାର୍ଯ୍ୟରେ ନିୟୋଜିତ କରୁଥିଲେ । କନ୍ଧମାନେ ଯୁଦ୍ଧ କରିବାରେ ଶକ୍ତିଶାଳୀ ଥିଲେ । ସେମାନେ ସାହାସୀ ଏବଂ ଯୋଦ୍ଧା ଥିଲେ । ସେମାନେ କଷ୍ଟ ସହିଷ୍ଣୁ ମଧ୍ୟ ଥିଲେ । ଅପର ପକ୍ଷରେ କନ୍ଧ ଜନଜାତିମାନଙ୍କରେ ସଂଖ୍ୟାଧିକତା କେତେକ କ୍ଷେତ୍ରରେ ଅନ୍ୟ ଆଦିବାସୀ ଗୋଷ୍ଠୀ ତୁଳନାରେ ନିଜକୁ ସ୍ୱତନ୍ତ୍ର ଭାବେ ପରିଗଣିତ ହେବାରେ ସାହାଯ୍ୟ କରୁଥିଲା ।

୧୮୫୦ ମସିହା ବେଳକୁ କଳାହାଣ୍ଡି ରାଜ୍ୟରେ ୧୭୫୪ଟି ଗାଁ ଥିଲା । ଏହି ସମସ୍ତ ଗାଁର ଜନସଂଖ୍ୟା ପ୍ରାୟ ଏକ ଲକ୍ଷ ପାଞ୍ଚ ହଜାର ଥିଲା । ସମୁଦାୟ ଲୋକ ସଂଖ୍ୟା ମଧ୍ୟରୁ ପ୍ରାୟ ୮୦ ହଜାର କନ୍ଧ ଥିଲେ । ସର୍ବାଧିକ କନ୍ଧ ଅଧିବାସୀ ହୋଇଥିବାରୁ କନ୍ଧ ଓ ରାଜାମାନଙ୍କ ମଧ୍ୟରେ ଏକ ସୁସଂପର୍କ ଥିଲା । ଉଭୟ କନ୍ଧ ଓ ରାଜା ପରସ୍ପରର ପରିପୂରକ ଥିଲେ । ସେମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିଥିଲା । ପ୍ରତ୍ୟେକ ଅସୁବିଧା ସମୟରେ ଉଭୟେ ଉଭୟେଙ୍କୁ ସାହାଯ୍ୟ କରୁଥିଲେ । ଜଣକର ସାହାଯ୍ୟ ଏବଂ ସହଯୋଗ ବିନା ଅନ୍ୟ ଜଣେ ଅଧୁରା ହୋଇଯାଉଥିଲା । କଳାହାଣ୍ଡି ଇଂରେଜମାନଙ୍କର ଶାସନାଧିନ ହେଲା ପରେ ରାଜ୍ୟରେ ପୂର୍ବରୁ ପ୍ରଚଳିତ ଆଇନ୍‌କାନୁନ୍ ନୀତିନିୟମରେ ଘୋର ପରିବର୍ତ୍ତନ ଦେଖା ଦେଇଥିଲା । କାରଣ ରାଜାମାନେ ଇଂରେଜ ସରକାରର ଅଧିନକୁ ଚାଲିଯାଇଥିଲେ । ଫଳରେ ସେମାନେ ନିଜର ନିଜତ୍ୱକୁ ହରାଇ ବସିଥିଲେ । କୌଣସି କ୍ଷେତ୍ରରେ ମୋନଙ୍କର ଅଧିକାର ନ ଥିଲା । ସେମାନେ ଇଂରେଜ ଶାସକ ଗୋଷ୍ଠୀର ପରାଧିନତାର ଶିକାର ହୋଇଯାଇଥିଲେ । ଏହି ସମୟରେ ହିଁ ଇଂରେଜ ସରକାର, ରାଜା ଓ ଆଦିବାସୀମାନଙ୍କ ସୁସଂପର୍କ ମଝିରେ ପୋତି ଦେଇଥିଲେ ଏକ କଳି ମଞ୍ଜି, ଆଉ ଆଣି ଦେଇଥିଲେ ଏକ ସୁନାମି ଝଡ଼ର ସୂଚନା । କାରଣ ରାଜା ଓ

କନ୍ଧମାନଙ୍କ ମଧ୍ୟରେ ସୁସଂପର୍କ ଥିବା ହେତୁ ଇଂରେଜମାନେ ମଧ୍ୟ ସାହାସ କରିପାରୁନଥିଲେ କଳାହାଣ୍ଡିକୁ ଅକ୍ତିଆର କରିବାକୁ । କାହିଁକି ନା କନ୍ଧମାନେ ହେଉଛନ୍ତି ଜିଦ୍‌ଖୋର ଏବଂ ଲଢୁଆ ଜାତି ଆଉ ତାଙ୍କ ବଳରେ ସେହି ସମୟର ରାଜାମାନେ ବଳୀୟାନ ହୋଇଥିଲେ । ରାଜାମାନଙ୍କୁ ଇଂରେଜ ଏବଂ ମରାଠା ଶାସକମାନଙ୍କୁ ରାଜସ୍ୱ ଦେବାକୁ ପଡ଼ିଲା । ତେଣୁ କଳାହାଣ୍ଡି ରାଜା ରାଜସ୍ୱ ଆଦାୟ ଲକ୍ଷ୍ୟରେ ସମ୍ବଲପୁର ଜିଲ୍ଲାରୁ ଚଷୀମାନଙ୍କୁ ଅଣାଇ ସେମାନଙ୍କ ହାତରେ କଳାହାଣ୍ଡିର ଜମି ଦେଲେ । ସେହି ଚଷୀମାନେ ମାଗଣାରେ ଅନେକ ଜମି ପାଇ ଉର୍ବର କଳାହାଣ୍ଡି ମାଟିରେ ଭଲ ଫସଲ କଲେ । ରାଜା ଅଧିକାଂଶ ଜମିକୁ ଚଷୀମାନଙ୍କ ନାମରେ କରିଦେଇ ତାଙ୍କଠାରୁ ରାଜସ୍ୱ ଆଦାୟ କଲେ ।

ଏଣେ ଜମି ସବୁ ପ୍ରକୃତିର ସଂପତ୍ତି ଏବଂ କନ୍ଧମାନଙ୍କର ତା' ଉପରେ ଅଧିକାର ଥିବା କଥାରେ ବିଶ୍ୱାସ ରଖୁଥିବା କନ୍ଧମାନେ ସବୁ କଥା ବୁଝିବା ଆଗରୁ ସେମାନଙ୍କ ଜମି ସୀମିତ ସଂଖ୍ୟକ ବାହାର ଚଷୀଙ୍କ ହାତରେ ରାଜା ସମର୍ପି ଦେଇ ସାରିଥିଲେ । ଏହି ପରିସ୍ଥିତିରେ କଳାହାଣ୍ଡିର ୮୦ଭାଗ ଲୋକ ଏକ ପ୍ରକାର ଭୂମି ହୀନ ଅବସ୍ଥାକୁ ଚାଲି ଆସିଲେ । ଅଥଚ କିଛି ହାତଗଣା ଚଷୀ କଳାହାଣ୍ଡିର ଜମିକୁ ଭୋଗ ଦଖଲ କରି ବେଶ୍ ଲାଭବାନ୍ ହେଲେ । ଏହି ସମୟ ପ୍ରକୃତିର ପୂଜାରୀ ଏବଂ ଯୁଗ ଯୁଗ ଧରି ଜମି ଉପରେ ଅଧିକାର ସାବ୍ୟସ୍ତ କରି ଆସୁଥିବା ନିରୀହ, କନ୍ଧମାନଙ୍କ ଜୀବନରେ ଏକ ସଂକଟାପନ୍ନ ପରିସ୍ଥିତି ସୃଷ୍ଟି କରିଥିଲା । ଏହାଦ୍ୱାରା ସେମାନଙ୍କ ଆର୍ଥିକ ମେରୁଦଣ୍ଡ ସଂପୂର୍ଣ୍ଣ ଭାଙ୍ଗିଯାଇଥିଲା । ଏହା ସେମାନଙ୍କ ଜୀବନ ଇତିହାସରେ ଅତ୍ୟନ୍ତ ଦୁଃଖମୟ ସମୟ ଥିଲା । ଯେଉଁଥିପାଇଁ ସେମାନେ ଅନେକ ଦୁଃଖ, କଷ୍ଟ, ଅନାହାରର ସମ୍ମୁଖୀନ ହୋଇଥିଲେ । ଆଜିଯାଏ ସେହି ସ୍ଥିତି କଳାହାଣ୍ଡିରେ ରହିଛି ଓ ସଂଖ୍ୟାଧିକ ଲୋକ ନିଜ ଗାଁରେ ଭୂମିହୀନ ହୋଇ ପଡ଼ିରହିବା ସହ ଦାରିଦ୍ର୍ୟ ସହ ସଂଘର୍ଷ କରୁଛନ୍ତି । ଚତୁର ଫିରିଙ୍ଗିର ଚତୁରତାର ପରିସୀମା ଖୁବ୍ ବ୍ୟାପକ ଥିଲା । ସେ ଏହିପରି ଏକ ଜାଲ ଟାଣିଥିଲା ଯେଉଁଠିକି ଶିକାର ଓ ଶିକାରୀ ଉଭୟ ପଡ଼ି ଦହଗଞ୍ଜ ହେବେ ଏବଂ ଫାଇଦାଟି ଉଠାଇବ କମ୍ପାନୀ ସରକାର ।

୧୮୪୪ ମସିହାରେ ଏହି କାରଣରୁ ହିଁ କଳାହାଣ୍ଡିର ଉମ୍ରା ଓ ମାଝୀ ପଦ ଉଠିଗଲା ଆଉ ୧୮୪୦-୫୦ ମଧ୍ୟରେ ଜମିଦାରୀ ପ୍ରଥା ମଧ୍ୟ ବଦଳି ଯାଇ ଜମି ମାଲିକ ପ୍ରଥାର ପ୍ରଚ଼ଳନ ହୋଇଥିଲା ।

କଳାହାଣ୍ଡି ରାଜାଙ୍କର ଏହିପରି ଅମାନବିକ ଏବଂ ଅମାନୁଷିକ କାର୍ଯ୍ୟ କନ୍ଧମାନଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଥିଲା । ସେହି ଅଶାନ୍ତି ଏବଂ ଅସନ୍ତୋଷ ସମୟ କ୍ରମେ ବିଦ୍ରୋହ ବା ଆନ୍ଦୋଳନର ରୂପ ନେଲା । ଉର୍ଲାଦାନୀ ଅଞ୍ଚଳରେ କନ୍ଧମାନେ ଏକଜୁଟ ହୋଇ ନିଜର ନ୍ୟାଯ୍ୟ ଅଧିକାରକୁ ନେଇ ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ଆରମ୍ଭ କରିଦେଇଥିଲେ । ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ କନ୍ଧ ନେତା ରେଣ୍ଡୋ ମାଝୀ । କାରଣ ଗ୍ରାମର ଶାସନ ଓ ଜମି କନ୍ଧମାନଙ୍କ ହାତରୁ ରାଜା ଚ଼ତୁରତାର ସହ କାଢି ନେଇ ବାହାର ଲୋକଙ୍କ ହାତରେ ଦେଇଥିଲେ । ପୂର୍ବରୁ ରାଜାମାନେ କନ୍ଧମାନଙ୍କର ପରାକ୍ରମ ବିଷୟରେ ବେଶ୍ ପରିଚିତ ଥିଲେ । ତେଣୁ ରେଣ୍ଡୋ ମାଝୀଙ୍କ ଆନ୍ଦୋଳନ ଦେଖି ରାମପୁର ରାଜା ନିଜକୁ ନିର୍ଦ୍ଦୋଷ କହି ସବୁ ଦୋଷ କଳାହାଣ୍ଡିର ରାଜା ଓ ଇଂରେଜମାନଙ୍କ ଉପରେ ଲଦି ଦେଲେ । ରାମପୁର ରାଜାଙ୍କୁ ଶ୍ରଦ୍ଧା କରୁଥିବା ରେଣ୍ଡୋ ମାଝୀ ରାଜାଙ୍କର ଚ଼ତୁରତାପୂର୍ଣ୍ଣ କଥାର ମୂଳ ଖିଅ ଧରି ନପାରି ସବୁର କାରଣ ଇଂରେଜ ବୋଲି ବୁଝିଲେ, ଯାହାଫଳରେ କି ଆଦିବାସୀମାନେ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରିବାକୁ ବିଭିନ୍ନ ପ୍ରକାରର ପ୍ରଜାମେଳି, ବିଦ୍ରୋହ ଏବଂ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସବୁ ଆରମ୍ଭ କଲେ ।

## ଇଂରେଜ ବିରୋଧରେ ଆଦିବାସୀଙ୍କ ବିଦ୍ରୋହ:

ମୁକ୍ତ ପରିବେଶରେ ବଞ୍ଚୁଥିବା ଆଦିବାସୀମାନେ କୌଣସି ପରିସ୍ଥିତିରେ ମଧ୍ୟ ଅନ୍ୟାୟ, ସାମନାରେ ମୁଣ୍ଡ ନୁଆଁଇ ନଥାନ୍ତି । ଭାରତରେ ବାଣିଜ୍ୟ କରିବା ପାଇଁ ପ୍ରଥମେ ପ୍ରବେଶ କରିଥିବା ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ଧିରେ ଧିରେ ମାନ୍ଦ୍ରାଜ ଉପକୂଳଠାରୁ ଆରମ୍ଭ କରି ଓଡ଼ିଶା ଉପକୂଳର ଅନେକ ଅଞ୍ଚଳ ନିଜର ଅକ୍ତିଆରକୁ ଆଣିଥିଲେ । ୧୭୬୬ ମସିହା ବେଳକୁ ଗଂଜାମ ଜିଲ୍ଲାର

ଘୁମୁସର ମଧ୍ୟ ଇଂରେଜମାନଙ୍କ ନିୟନ୍ତ୍ରଣକୁ ଚାଲି ଯାଇଥିଲା । ଏଡ୍‌ୱାର୍ଡ କୋଟସ୍‌ଫୋର୍ଡଙ୍କୁ ସମଗ୍ର ଗଞ୍ଜାମ ଜିଲ୍ଲା ଓ ଘୁମୁସର ପାଇଁ ରେସିଡେଣ୍ଟ ପଦବୀରେ ମାନ୍ଦ୍ରାଜ ସରକାର ନିଯୁକ୍ତ କଲେ । ଇଂରେଜ ସରକାରଙ୍କ ଦ୍ୱାରା ନବନିଯୁକ୍ତ ରେସିଡେଣ୍ଟ ଘୁମୁସରର ପ୍ରଜାମାନଙ୍କ ଉପରେ ଅତ୍ୟଧିକ କର ଆଦାୟ ପାଇଁ ଯୋଜନା ପ୍ରସ୍ତୁତ କଲେ ଏବଂ କାର୍ଯ୍ୟକାରୀ ମଧ୍ୟ କଲେ । ଘୁମୁସୁର ଇଷ୍ଟ ଇଣ୍ଡିଆ କମ୍ପାନୀର ଅକ୍ତିଆରକୁ ଚାଲିଯିବା ସମୟରେ ସେଠାରେ ରାଜା ଥିଲେ କୃଷ୍ଣଚନ୍ଦ୍ର ଭଞ୍ଜ । ମାତ୍ର ସେ କେବଳ ନାମକୁ ମାତ୍ର ଶାସନ ଦାୟିତ୍ୱ ତୁଲାଉଥିଲେ । ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଇଂରେଜ ସରକାରଙ୍କ ନୂତନ କର ନୀତିକୁ ବିରୋଧ କଲେ । ୧୭୬୮ ମସିହାରେ ଇଂରେଜ ସରକାରଙ୍କ ବିରୋଧରେ ଘୁମୁସର ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଏବଂ ଆଦିବାସୀମାନେ ମିଶି ସଂଘର୍ଷ ଆରମ୍ଭ କଲେ । ଆଦିବାସୀମାନେ ବ୍ୟବହାର କରୁଥିବା ଧନୁ, ତୀର, ଇଂରେଜମାନଙ୍କର ବନ୍ଧୁକ, ଗୁଳି ସମ୍ମୁଖରେ ତୁଚ୍ଛ ମନେ ହେଲା । ଫଳରେ ଆଦିବାସୀମାନେ ଅନେକ କ୍ଷୟକ୍ଷତିର ସମ୍ମୁଖୀନ ହେଲେ । ଶହ ଶହ ଆଦିବାସୀ ଇଂରେଜମାନଙ୍କର ଗୁଳିମାଡ଼ରେ ନିହତ ହେଲେ । ଅନେକ ଆଦିବାସୀ ମାତୃଭୂମି ପାଇଁ ଆତ୍ମବଳି ଦେଲେ, ଆଦିବାସୀମାନଙ୍କ ସହିତ ରାଜା କୃଷ୍ଣଚନ୍ଦ୍ର ଭଞ୍ଜ ଇଂରେଜ ସରକାର ନିକଟରେ ପରାସ୍ତ ହେଲେ । ଆଦିବାସୀମାନଙ୍କର ଇଂରେଜ ସରକାର ବିରୋଧରେ ଏହାଥିଲା ପ୍ରଥମ ରକ୍ତାକ୍ତ ସଂଗ୍ରାମ । ଏହି ପରାସ୍ତ ସେମାନଙ୍କର ଭିତରେ ଆହୁରି ଅଧିକ ସାହସ, ଶକ୍ତି ଭରି ଦେଇଥିଲା । ସେମାନେ ନିରାଶ ହୋଇ ଚୁପ୍ ହୋଇଯାଇ ନଥିଲେ ବରଂ ବିଦେଶୀ ଶତ୍ରୁକୁ ନିଜ ମାତୃଭୂମିରୁ ହଟାଇବା ପାଇଁ ଏବଂ ନିଜର ସ୍ୱାଧୀନତାକୁ ହାସଲ କରିବା ପାଇଁ ସେମାନଙ୍କ ମଧ୍ୟରେ ବିଦ୍ରୋହର ଅଗ୍ନି ଜଳିବାକୁ ଲାଗିଲା । ସେମାନେ ନୂଆ ନୂଆ ଉପାୟ ଚିନ୍ତା କଲେ । ଇଂରେଜ ସରକାରଙ୍କୁ ନିଜର ଜନ୍ମଭୂମିରୁ ହଟାଇବା ପାଇଁ ସେମାନଙ୍କ ମନୋବଳ ଦୃଢ଼ କଲେ । ଯେକୌଣସି ଉପାୟରେ ସେମାନେ ଇଂରେଜ ସରକାରଙ୍କୁ ନିଜ ମାତୃଭୂମିରୁ ହଟାଇବାକୁ ଯୋଜନା ପ୍ରସ୍ତୁତ କଲେ । ସେମାନଙ୍କ ଭିତରେ କ୍ରୋଧ ଏବଂ ପ୍ରତିହିଂସାର ଜ୍ୱାଳା ଦିନକୁ ଦିନ ବଢ଼ିବାକୁ ଲାଗିଲା । ଫଳରେ ସେମାନେ ମରିବୁ କିମ୍ବା ମାରିବୁ ନୀତି ଅବଲମ୍ବନ କଲେ । ଇଂରେଜ ରକ୍ତରେ ଧରଣୀ

ପେନୁକୁ ଲାଲ୍ କରିଦେବା ସେମାନଙ୍କର ଜୀବନର ଲକ୍ଷ୍ୟ ହୋଇଥିଲା । ପରାଧୀନତାର ଗ୍ଲାନିରୁ ନିଜକୁ ମୁକ୍ତ କରିବା ପାଇଁ ଆପ୍ରାଣ ଉଦ୍ୟମ ଚଳାଇଲେ । ଜାତି ଏବଂ ମାତୃଭୂମିକୁ ସ୍ୱାଧୀନତା ଦେବା ପାଇଁ ଏକତାବଦ୍ଧ ହେଲେ ।

## ବିଭିନ୍ନ ଆଦିବାସୀ ବିଦ୍ରୋହ :

କଳାହାଣ୍ଡି ବ୍ୟତୀତ ଓଡ଼ିଶାର ଅନେକ ସ୍ଥାନକୁ ବ୍ରିଟିଶ ସରକାର ନିଜ ଅଧୀନକୁ ନେଇ ନିଜର ଏକ ଘଟିଆ ନୀତି ପ୍ରୟୋଗ କରୁଥିଲେ । ପ୍ରତ୍ୟେକ ଜାଗାରେ ଇଂରେଜମାନେ ଲୋକମାନଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର ଆରମ୍ଭ କରି ଦେଇଥିଲେ । ସେମାନଙ୍କର ସ୍ୱାଧୀନତାକୁ ହରାଇ କରିଦେଇଥିଲେ । ଫଳରେ, ସ୍ୱାଧୀନତା ହରାଇଥିବା ଲୋକମାନଙ୍କ ମଧ୍ୟରେ ବିଦ୍ରୋହର ବହ୍ନୀ ଜଳି ଉଠିଥିଲା । ଇଂରେଜମାନଙ୍କର କୁଶାସନ ବିରୋଧରେ କେବଳ ଯେ, ଘୁମୁସରର ରାଜା ଏବଂ ପ୍ରଜାମାନେ ଅସନ୍ତୁଷ୍ଟ ଥିଲେ ତା' ନୁହେଁ ପାରଳାଖେମୁଣ୍ଡିର ରାଜା ନାରାୟଣ ଦେବ ମଧ୍ୟ ବିଦେଶୀ ଶକ୍ତିକୁ ବିରୋଧ କରୁଥିଲେ । ତେଣୁ ସେ ମଧ୍ୟ ୧୭୬୮ ମସିହା ଘୁମୁସର ସଂଗ୍ରାମ ପରେ ପରେ ନିଜ ଅଞ୍ଚଳର ଆଦିବାସୀମାନଙ୍କ ସାହାଯ୍ୟରେ ଜାଲମୁରାଠାରେ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ । ଏହି ସଂଗ୍ରାମରେ ବୀର ଯୋଦ୍ଧା ନାରାୟଣ ଦେବ ନିଜର ସମସ୍ତ ଶକ୍ତି, ସାମର୍ଥ୍ୟ ଖଟାଇ ମଧ୍ୟ ସଫଳତା ହାସଲ କରିପାରି ନଥିଲେ । ଏହି ବିଦ୍ରୋହରେ ଅନେକ ଧନ, ଜୀବନ କ୍ଷୟ ହୋଇଥିଲା । ଏହି ବିଫଳତା ଦ୍ୱାରା ପାରଳାଖେମୁଣ୍ଡିର ପ୍ରଜାମାନେ ଥକି ପଡ଼ିନଥିଲେ କି ନିରାଶ ହୋଇ ସ୍ୱାଧୀନତା ହାସଲ କରିବାର ନିଶାରୁ ଓହରି ଯାଇନଥିଲେ ବରଂ ସେମାନଙ୍କ ମନରେ ପ୍ରତିଶୋଧର ନିଆଁ ବଢି ଯାଇଥିଲା । ସେମାନେ ନିଜର ଶକ୍ତି, ସାମର୍ଥ୍ୟ, ସାହାସକୁ ଦୃଢୀଭୂତ କରିପାରିଥିଲେ । କେବଳ ଯେ, ପାରଳାଖେମୁଣ୍ଡିର ରାଜା ଏହି ପରାଧିନତାର ଗ୍ଲାନିରେ ଜର୍ଜରିତ ହେଉଥିଲେ ତା' ନୁହେଁ ବରଂ ପରଳାଖେମୁଣ୍ଡିର ମହାରାଣୀ ମଧ୍ୟ ଏହାଦ୍ୱାରା କିଛି କମ୍ ପ୍ରଭାବିତ ହୋଇନଥିଲେ । ଯାହାର ଫଳସ୍ୱରୂପ, ମହାରାଣୀ ପାଟ ମହାଦେବୀ ଆଦିବାସୀମାନଙ୍କର ନେତୃତ୍ୱର ଇଂରେଜ ସରକାର ବିରୋଧରେ ବିଦ୍ରୋହ

କରିଥିଲେ । ଏଥିରୁ ସ୍ପଷ୍ଟ ଅନୁମାନ କରି ହୁଏ ଯେ, ଓଡ଼ିଶାର ବୀରପୁରୁଷମାନେ ଦେଶମାତୃକାର ସ୍ୱାଧୀନତା ପାଇଁ ଯେତିକି ଉଦ୍ୟମ କରିଥିଲେ ନାରୀମାନଙ୍କର ମଧ୍ୟ ଦେଶର ସ୍ୱାଧୀନତା ପାଇଁ କିଛି କମ୍ ତ୍ୟାଗ ନ ଥିଲେ । ଏହି ବିଦ୍ରୋହ କଳାହାଣ୍ଡି, ପାରଳାଖେମୁଣ୍ଡିର ଆଦିବାସୀମାନଙ୍କ ମଧ୍ୟରେ ସୀମିତ ରହି ନଥିଲା । ଓଡ଼ିଶାର ଅନ୍ୟାନ୍ୟ ପ୍ରାନ୍ତରେ ବାସ କରୁଥିବା ଆଦିବାସୀମାନେ ମଧ୍ୟ ଏଥିରେ ପ୍ରଭାବିତ ହେଇଥିଲେ । ଓଡ଼ିଶାର ପ୍ରତ୍ୟେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଆଦିବାସୀମାନେ ମିଳିତ ହୋଇ ଇଂରେଜ ସରକାର ବିରୋଧରେ ସଂଗ୍ରାମ ଜାରି ରଖିଥିଲେ ।

ପରବର୍ତ୍ତୀ ସମୟରେ ଘୁମୁସରର ରାଜା ହେଲେ, ବିକ୍ରମ ଭଞ୍ଜ । ସେ ଜଣେ ନ୍ୟାୟବାନ, ଉନ୍ନତ ଚିନ୍ତାଧାରାର ଜନମଂଗଳକାରୀ ରାଜା ଥିଲେ । ଘୁମୁସରର ପ୍ରଜାମାନେ ରାଜାଙ୍କର ପ୍ରଜାବତ୍ସଳତା, ନୀତି ନିୟମ ଦୃଷ୍ଟିରୁ ତାଙ୍କୁ ଅତ୍ୟନ୍ତ ଭକ୍ତି ଶ୍ରଦ୍ଧା ଏବଂ ସମ୍ମାନ ପ୍ରଦର୍ଶନ କରୁଥିଲେ । ଉତ୍ତମ ରାଜା ରୂପେ ବିକ୍ରମ ଭଞ୍ଜଙ୍କର ସୁଖ୍ୟାତି କେବଳ ଘୁମୁସର ବା ଗଂଜାମ ଅଞ୍ଚଳରେ ସୀମାବଦ୍ଧ ହୋଇନଥିଲା । ଏହା ଆଖପାଖ ଅନେକ ଅଞ୍ଚଳ; ଯଥା : ଦଶପଲ୍ଲା, ନୟାଗଡ଼ ଓ ବୌଦ୍ଧକୁ ବ୍ୟାପି ଯାଇଥିଲା । ଏହି ଅଞ୍ଚଳର ଜନସାଧାରଣ ମଧ୍ୟ ଆଦର୍ଶ ରାଜା ରୂପେ ତାଙ୍କୁ ମାନୁଥିଲେ, ତେଣୁ ପାରଳାଖେମୁଣ୍ଡି ବିଦ୍ରୋହର ଅଳ୍ପଦିନ ପରେ ଉପରୋକ୍ତ ଅଞ୍ଚଳର ଆଦିବାସୀମାନେ ରାଜା ବିକ୍ରମ ଭଞ୍ଜଙ୍କ ନେତୃତ୍ୱରେ ବ୍ରିଟିଶ ଶାସନ ବିରୋଧରେ ଆନ୍ଦୋଳନ ଆରମ୍ଭ କରି ଦେଇଥିଲେ । ଏଥିରୁ ସହଜରେ ଅନୁମାନ କରିହୁଏ ଯେ, ସେ ସମୟର ରାଜା ଏବଂ ପ୍ରଜାମାନଙ୍କ ମଧ୍ୟରେ ସଂପର୍କ ଅତ୍ୟନ୍ତ ଭଲ ଥିଲା । ପରସ୍ପର ମଧ୍ୟରେ ବୁଝାମଣା ଅତି ଉତ୍ତମ ଥିଲା । ଉଭୟେ ଉଭୟଙ୍କ ଆଦର୍ଶକୁ ସମ୍ମାନ କରୁଥିଲେ ।

## ବାଣପୁରରେ କନ୍ଧ ଆନ୍ଦୋଳନ :

୧୭୬୮ ମସିହାରେ ଓଡ଼ିଶା ଇତିହାସରେ କନ୍ଧମାନଙ୍କର ଇଂରେଜ ବିରୋଧି ଆନ୍ଦୋଳନର ଭିତିଭୂମି ସ୍ଥାପନ ହୋଇଥିଲା । ଏହି ଆନ୍ଦୋଳନ ଧିରେ

ଧିରେ କନ୍ଧମାନଙ୍କ ଭିତରେ ଘନୀଭୂତ ହୋଇ କନ୍ଧ ମେଳି ସୃଷ୍ଟି କରିଥିଲା । ୧୭୬୮ ମସିହାଠାରୁ ହିଁ କନ୍ଧମାନଙ୍କ ମଧ୍ୟରେ ଏହି ଆନ୍ଦୋଳନର ବୀଜ ଧିରେ ଧିରେ ଗଜୁରିବାକୁ ଲାଗିଲା । ଯାହା ଫଳରେ କି ସେମାନେ ନିଜ ନିଜ ଭିତରେ ଛୋଟ ଛୋଟ ସଂଗଠନ କରି ସଭା ସମିତି ମାଧ୍ୟମରେ ଆନ୍ଦୋଳନାତ୍ମକ ବିଷୟ ଆଲୋଚନା କଲେ । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ଥିବା ଏକତ୍ୱ ମନୋଭାବ ସୁଦୃଢ ହେବାକୁ ଲାଗିଲା । ଫଳସ୍ୱରୂପ ଘୁମୁସରର ବିଭିନ୍ନ ପ୍ରାନ୍ତରରେ ବାସ କରୁଥିବା ପ୍ରାୟ ୪୦୦ କନ୍ଧ ଏକଜୁଟ ହୋଇ ବାଣପୁର ଥାନା ପାଖରେ ପହଞ୍ଚି ଥିଲେ । ଥାନା ଘେରାଉ ସହିତ ବାଣପୁରରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ଭଙ୍ଗାରୁଜା କରିଥିଲେ । ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ସବୁ ନଷ୍ଟ କରିବା ପରେ ସରକାରୀ ସଂପତ୍ତି ଲୁଟ୍ କରିଥିଲେ । ଏତିକିରେ କନ୍ଧମାନଙ୍କର କ୍ରୋଧ ଶାନ୍ତ ହୋଇ ନଥିଲା । ଏହିଭଳି ଲୁଟ୍‌ତରାଜ ମଧ୍ୟରେ କନ୍ଧମାନେ ଅନେକ ସରକାରୀ କର୍ମଚାରୀଙ୍କୁ ମଧ୍ୟ ହତ୍ୟା କରିଥିଲେ । ପ୍ରତିଶୋଧର ବହ୍ନିରେ ଜଳୁଥିବା କନ୍ଧଗୋଷ୍ଠୀ ସାମନାକୁ ଆସୁଥିବା ଇଂରେଜ ସରକାରର ପ୍ରତ୍ୟେକ ଜିନିଷକୁ ନଷ୍ଟ କରି ଦେଇଥିଲେ । ଏହାଥିଲା ଇଂରେଜମାନଙ୍କୁ ଏକ ଶକ୍ତ ଧକ୍କା । ଏହି ବିଦ୍ରୋହ ଓଡ଼ିଶାରେ ଇଂରେଜମାନଙ୍କର ସ୍ଥିତିକୁ ଦୋହଲାଇ ଦେଇଥିଲା ।

## ରେଣ୍ଡୋମାଝୀଙ୍କ ସମସାମୟିକ ନେତୃବୃନ୍ଦ :

ବିଦେଶୀ ଶାସନ କବଳରୁ ଦେଶ ମାତୃକାକୁ ମୁକ୍ତ କରିବା ପାଇଁ ରେଣ୍ଡୋ ମାଝୀ କନ୍ଧମାନଙ୍କୁ ଏକଜୁଟ କରି ଆନ୍ଦୋଳନ ଚ଼ଳାଇଥିଲେ । ସେହି ସମୟରେ ଓଡ଼ିଶାର ଅନ୍ୟ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମଧ୍ୟ ଅନେକ ଆଦିବାସୀ ବୀର ଦେଶମାତୃକାର ସ୍ୱାଧୀନତା ପାଇଁ ବିଦ୍ରୋହ ଆରମ୍ଭ କରି ଦେଇଥିଲେ । ସେହି ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ଅନେକ ଗୋରା ସିପାହୀଙ୍କ ବିରୋଧରେ ବିଦ୍ରୋହ କରୁ କରୁ ନିଷ୍ଠୁର ଇଂରେଜମାନଙ୍କର ବନ୍ଧୁକର ଗୁଳିରେ ଶହୀଦ ହେଇଥିଲେ ତ କିଏ କିଏ ସାରାଜୀବନ କାରାଦଣ୍ଡ ଭୋଗ କରିଥିଲେ । ଆଉ କେହି କେହି ମଧ୍ୟ ନିଜର ଉପସ୍ଥିତି ବୁଦ୍ଧି ଖଟାଇ ବିଦେଶୀମାନଙ୍କ ବିରୁଦ୍ଧରେ କୌଶଳ ପୂର୍ବକ ସଂଗ୍ରାମ ଚଳାଇଥିଲେ । ଏହି ସଂଗ୍ରାମୀ ସ୍ୱାଧୀନଚେତା ସ୍ୱାଭିମାନୀମାନଙ୍କ ମଧ୍ୟରୁ ବୀର

ସୁରେନ୍ଦ୍ର ସାଏ, ଚ଼କରା ବିଶୋୟୀ, ଦୋହରା ବିଶୋୟୀ, ବିର୍ସାମୁଣ୍ଡା, ନିର୍ମଳ ମୁଣ୍ଡା ଥିଲେ ଅନ୍ୟତମ । ଓଡ଼ିଶା ତଥା ଓଡ଼ିଶା ବାହାରର ସାନ୍ତାଳାମାନଙ୍କୁ ଏକଜୁଟ କରି ବ୍ରିଟିଶମାନଙ୍କର ଶୋଷଣ ନୀତି ବିରୋଧରେ ସଂଗ୍ରାମ ଚ଼ଳାଇଥିବା ଚ଼ରି ଭାଇ ହେଲେ ସିଦୋ ମୁର୍ମୂ, କାହ୍ନୁ ମୁର୍ମୂ, ଭାଇ ମୁର୍ମୂ, ଚ଼ନ୍ଦ ମୁର୍ମୂ ।

ଏହିସବୁ ବୀରମାନେ ନିଜ ଅଞ୍ଚଳର ଆଦିବାସୀମାନଙ୍କୁ ସଂଗଠିତ କରି ଜନ୍ମଭୂମିକୁ ସ୍ୱାଧୀନ କରିବାର ଲକ୍ଷ୍ୟ ନେଇ ସଂଗ୍ରାମ ଚ଼ଳାଇଥିଲେ । ଏହି ବୀର, ଯୋଦ୍ଧାମାନଙ୍କର ବିଦ୍ରୋହରେ ଇଂରେଜ ସରକାରର ଆସନ ଟଳମଳ ହୋଇଥିଲା । ସେ ନିଜ ପାଇଁ ପ୍ରମାଦ ଗଣିଥିଲା । ଆଦିବାସୀମାନେ ଶତସିଂହର ବଳ ବହନ କରି ଇଂରେଜ ବିରୋଧରେ ରଣ ହୁଙ୍କାର ଦେଇଥିଲେ ଏବଂ ସମୁଦ୍ର ଢେଉ ପରି ମାଡ଼ି ଫିରିଙ୍ଗି ଶାସନର ଅନ୍ୟାୟ, ଅତ୍ୟାଚ଼ର, ଶୋଷଣ, ଅବିଚ଼ର ବିରୋଧରେ ସଂଗ୍ରାମ ଜାରି ରଖିଲେ । ଏହି ବିପ୍ଳବୀମାନଙ୍କର ମାରଣାନ୍ତକ ଆକ୍ରମଣ ଇଂରେଜ ସରକାର ଶାନ୍ତିରେ ନିଶ୍ୱାସ ମାରି ପାରି ନଥିଲା ।

### ଦୋହରା ବିଶୋୟୀ :

ଦୋହରା ବିଶୋୟୀଙ୍କ ନେତୃତ୍ୱରେ ଭଞ୍ଜ ବଂଶୀୟ ରାଜାମାନେ ଇଂରେଜମାନଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ ଦୋହରା ବିଶୋୟୀ ଥିଲେ ଘୁମୁସର ଅଞ୍ଚଳର କନ୍ଧ ଆଦିବାସୀମାନଙ୍କର ନେତା । ସେ ଅତ୍ୟନ୍ତ ସଚ୍ଚୋଟ, ନିର୍ଭୀକ, ବୁଦ୍ଧିମାନ, ସରଳ, ନିଷ୍କପଟ ଥିଲେ । କାହାରି ସାମନାରେ ଅନ୍ୟାୟରେ ମୁଣ୍ଡ ନୁଆଁଇବା ତାଙ୍କର ନୀତି ବିରୁଦ୍ଧ ଥିଲା । ନିଜର ଜନ୍ମଭୂମିକୁ ଭଲ ପାଉଥିଲେ । ସ୍ୱାଧୀନ ଭାବରେ ବଞ୍ଚିବାକୁ ପସନ୍ଦ କରୁଥିଲେ । ସ୍ୱାଧୀନତା ଉପରେ ବାହାର ହସ୍ତକ୍ଷେପକୁ ସେ ବରଦାସ୍ତ କରନ୍ତି ନାହିଁ । ଘୁମୁସର ରାଜ୍ୟ ଇଂରେଜମାନଙ୍କ ଅଧୀନକୁ ଚ଼ଲିଯିବା ପରେ ଭଞ୍ଜବଶୀୟ ରାଜାମାନେ କ୍ଷମତା ଶୂନ୍ୟ ହୋଇଗଲେ । ପ୍ରକୃତ ଶାସନ କ୍ଷମତା ଇଂରେଜମାନଙ୍କ ହାତରେ ରହିଲା । ସେମାନଙ୍କ ରାଜତ୍ୱ କାଳରେ ଅଣ-ଆଦିବାସୀ ଏବଂ ଆଦିବାସୀ ଗୋଷ୍ଠୀ ସୁଖରେ କାଳାତିପାତ କରୁଥିଲେ । ଯେତେ ବେଳେ ଇଂରେଜମାନେ ଘୁମୁସର ଆକ୍ରମଣ କରି ନିଜ

ଅଧୀନକୁ ନେଇ ଆସିଲେ ଏବଂ ସେଠାର ଜନସାଧାରଣଙ୍କୁ ନାନା ଭାବରେ ଅତ୍ୟାଚାର, ଶୋଷଣ ଏବଂ ଲୁଣ୍ଠନ କରିବାକୁ ଲାଗିଲେ, ଘୁମୁସରରର ପ୍ରଜାମାନେ ଏହାଦ୍ୱାରା ଅତିଷ୍ଠ ହୋଇଗଲେ । ଏହି ଅସନ୍ତୋଷ ଏବଂ ଅଶାନ୍ତି ସଂଗ୍ରାମ, ବିଦ୍ରୋହ ଏବଂ ବିକ୍ଷୋଭର ରୂପ ନେଇ ଅନେକ ଧନଜୀବନର କ୍ଷୟକ୍ଷତି ଘଟାଉଥାଏ ।

୧୮୩୭ ମସିହାରେ ଆଦିବାସୀ ନେତା ଦୋହରା ବିଶୋୟୀଙ୍କ ନେତୃତ୍ୱରେ କନ୍ଧମାନେ ଏକ ବିରାଟ ପଟୁଆର ସହିତ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଚ଼ଲାଇଲେ । ଦୋହରା ବିଶୋୟୀ ନିଜର ସମସ୍ତ ଶକ୍ତି, ସାମର୍ଥ୍ୟ, ବୁଦ୍ଧି, ବିବେକ ଘଟାଇ ସଂଗ୍ରାମ ଚ଼ଲାଇଥିଲେ ମଧ ତାହା କୁଟିଳ ଇଂରେଜଙ୍କ ହାତରେ ଧରାପଡ଼ି ଯାଉଥିଲେ । ବ୍ରିଟିଶ ସରକାର ଦୋହରା ବିଶୋୟୀଙ୍କୁ କାରାଗାରରେ ବନ୍ଦି କରି ନାନା ପ୍ରକାରର ଶାରୀରିକ, ମାନସିକ ନିର୍ଯ୍ୟାନତା ଦେଇଥିଲେ । ତଥାପି ମଧ ଘୁମୁସରରର ଏହ ବୀରପୁରୁଷ ବିଦେଶୀ ଶକ୍ତି ଆଗରେ ମୁଣ୍ଡ ନୁଆଁଇ ନଥିଲେ । ଶେଷରେ ସମସ୍ତ କନ୍ଧ ସମାଜ ତଥା ସମଗ୍ର ଘୁମୁସର ଅଞ୍ଚଳର ପ୍ରିୟ ନେତା ୧୮୪୬ ମସିହାରେ ଇଂରେଜ ବିରୋଧରେ ଲଢି ନିଜକୁ ଦେଶ ପାଇଁ ଉତ୍ସର୍ଗ କରିଥିଲେ । ଓଡ଼ିଶାର ମୁକ୍ତି ସଂଗ୍ରାମର ଇତିହାସରେ ତାଙ୍କର ସ୍ଥାନ ଅପୁରଣୀୟ ।

**ଚକରା ବିଶୋୟୀ :**

ଇଂରେଜ ସରକାରଙ୍କର ଅର୍ଥନୈତିକ ଶୋଷଣ ନୀତି ତଥା ଆଦିବାସୀଙ୍କର ସାମାଜିକ ପରଂପରାର କାର୍ଯ୍ୟଧାରା ଉପରେ ହସ୍ତକ୍ଷେପ ବିରୋଧରେ ସ୍ୱର ଉତ୍ତୋଳନ କରି ଓଡ଼ିଶାର ବିଭିନ୍ନ ପ୍ରାନ୍ତରରେ ବାସ କରୁଥିବା ଆଦିବାସୀମାନଙ୍କୁ ଏକଜୁଟ କରି ବିଦ୍ରୋହ ଚ଼ଲାଇଥିବା ନେତୃତ୍ୱବୃନ୍ଦମାନଙ୍କ ଭିତରେ ସବୁଠୁ ଚ଼ତୁର ଏବଂ କୌଶଳୀ ବୀର ହେଉଛନ୍ତି ଚକରା ବିଶୋୟୀ । ମୁକ୍ତି ସଂଗ୍ରାମୀ ଚକରା ବିଶୋୟୀ ଘୁମୁସର ଜିଲ୍ଲାର ଅଧିବାସୀ ଥିଲେ । ସେ ୧୮୪୬-୧୮୫୪ ମସିହା ପର୍ଯ୍ୟନ୍ତ ପ୍ରାୟ ଆଠ ବର୍ଷକାଳ ଇଂରେଜ ବିରୋଧରେ ଗରିଲା ଯୁଦ୍ଧ କରି କମ୍ପାନୀ ସରକାରକୁ ଅସ୍ତବ୍ୟସ୍ତ କରିଦେଇଥିଲେ । ତାଙ୍କର ବିଦ୍ରୋହରେ ଇଂରେଜ ସୈନ୍ୟବାହିନୀ ଥରହର ହୋଇଯାଇଥିଲେ । କନ୍ଧମାନଙ୍କର ଜୀବନ ଓ ଜୀବିକା ଉପରେ ହସ୍ତକ୍ଷେପ କରିବା

ସହ କ୍ରୁର ଇଂରେଜ ସରକାର କନ୍ଧମାନଙ୍କର ମାନସିକତାକୁ ହୃଦୟଙ୍ଗମ ନକରି ସେମାନଙ୍କ ସଂସ୍କୃତିରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିଥିଲେ । କନ୍ଧ ସମାଜରେ ସେ ସମୟରେ ମେରିଆ ପ୍ରଥା ପ୍ରଚଳିତ ଥିଲା । ଓଡ଼ିଶାର କନ୍ଧମାନଙ୍କ ମଧ୍ୟରେ ବିଶ୍ୱାସ ଥିଲା ଯେ, ମେରିଆ ପୂଜା ଦେଲେ ଧରଣୀମାତା ଖୁସି ହୋଇ ଅଧିକ ଫସଲ ଦେବ । ତେଣୁ ସେମାନେ ମେରିଆ ପୂଜା ଦେଇ ଧରଣୀମାତାଙ୍କର ପୂଜା କରୁଥିଲେ । ଧରଣୀମାତା ସେମାନଙ୍କୁ ସବୁ ଦେଇଛି ତେଣୁ ସେମାନେ ତା'ର ସନ୍ତୁଷ୍ଟିକରଣ ପାଇଁ କିଛି ବି କରିପାରନ୍ତି । ଆଦିବାସୀମାନେ ସେମାନଙ୍କ ସମାଜରେ ପ୍ରଚଳିତ ରିତୀନୀତି ଏବଂ ପ୍ରଥାକୁ ମାନି ଚଳିଥାନ୍ତି । ସେମାନେ ସେଥିରୁ ବିଚ୍ୟୁତ ହେବାକୁ ପସନ୍ଦ କରି ନଥାନ୍ତି । ଏହିଭଳି ପ୍ରଥାକୁ ବନ୍ଦ କରିବା ପାଇଁ ଇଂରେଜମାନେ ୧୮୪୫ ମସିହାରେ (Act XI of 1845) ଏକ ଆଇନ ପ୍ରଣୟନ କରିଥିଲେ । କନ୍ଧମାନଙ୍କର ମଧ୍ୟରେ ପ୍ରଚଳିତ ଏହି ସାଂସ୍କୃତିକ ପରମ୍ପରା ଉପରେ ଇଂରେଜ ସରକାରର ହସ୍ତକ୍ଷେପକୁ ହଠାତ୍ କନ୍ଧମାନେ ଗ୍ରହଣ କରିପାରିନଥିଲେ । ବୁଝାମଣାର ଅଭାବରୁ ଆଇନ୍‌କୁ ବିରୋଧ କରି ପ୍ରଥମ ଥର ପାଇଁ ବୀର ସଂଗ୍ରାମୀ ଚକରା ବିଶୋୟୀ ସ୍ୱର ଉତ୍ତୋଳନ କରିଥିଲେ । ତାଙ୍କର ରଣକୌଶଳ ଭିନ୍ନ ପ୍ରକାରର ଥିଲା । ଗରିଲା ଯୁଦ୍ଧର ଆଶ୍ରୟ ନେଇ ସେ ବ୍ରିଟିଶ ସୈନ୍ୟମାନଙ୍କୁ ବ୍ୟତିବ୍ୟସ୍ତ କରିପକାଇଥିଲେ । ଇଂରେଜ ସରକାର ଆପ୍ରାଣ ଉଦ୍ୟମ ସତ୍ତ୍ୱେ ଚକରା ବିଶୋୟୀଙ୍କୁ ଧରିପାରି ନଥିଲେ । କନ୍ଧମାନଙ୍କର ବାରମ୍ବାର ଆକ୍ରମଣର ମୁକାବିଲା କରିବା ପାଇଁ ଇଂରେଜମାନେ ବିଭିନ୍ନ ଅଞ୍ଚଳରେ କ୍ୟାମ୍ପ ବା ଛାଉଣୀ ପକାଇ ରହୁଥିଲେ । ଏହି ସେନା ଛାଉଣୀକୁ ଖାଦ୍ୟ, ପାନୀୟ ତଥା ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ସବୁ ଯୋଗାଇବାରେ ବାଧା ସୃଷ୍ଟି କରୁଥିଲେ ଚକରା ବିଶୋୟୀ । ସେ ବିଭିନ୍ନ ଉପାୟ ଅବଲମ୍ବନ କରି ନାନା ଭାବରେ ଇଂରେଜମାନଙ୍କୁ ହଇରାଣ କରୁଥିଲେ । ବ୍ରିଟିଶ ସୈନିକମାନେ ଚକରା ବିଶୋୟୀଙ୍କୁ ଧରିପାରୁ ନଥିବାର ଅନ୍ୟ ଏକ କାରଣ ହେଲା, ଯେତେବେଳେ ସିପାହୀଙ୍କ ଅଗ୍ନିବର୍ଷୀ ତୋପ କମାଣର ବିଶାଳ ପରିବେଶରେ ସେ ଅଣନିଶ୍ୱାସୀ ହୋଇଯାଆନ୍ତି ସେତେବେଳେ ସେ ଫୁଲବାଣୀ, କିମ୍ବା କଳାହାଣ୍ଡି ଅଥବା ଛୋଟନାଗପୁର ନହେଲେ ସମ୍ବଲପୁର, ଜୟପୁର ଅଞ୍ଚଳକୁ

ଚାଲି ଯାଉଥିଲେ । ଏହିସବୁ ଅଞ୍ଚଳ ବୁଲି ଚକରା ବିଶୋୟୀ ଆଦିବାସୀଙ୍କୁ ମେଳି କରି ଇଂରେଜ ସରକାର ବିରୋଧରେ ବିଦ୍ରୋହର ସାମ୍ରାଜ୍ୟକୁ ବିସ୍ତାର କରି ଚାଲିଥିଲେ ।

ସେହିପରି ଚ଼କରା ବିଶୋୟୀ ହଠାତ୍ ଥରେ ବିଦ୍ରୋହୀ ସେନାବାହିନୀଙ୍କ ସହ ଉର୍ଲାଦାନୀ (ବାଦାଗାଡ଼) ଗଡ଼ରେ ପହଞ୍ଚିଥିଲେ । ସେଠାରେ ଚକରା ବିଶୋୟୀ, ରେଣ୍ଡୋ ମାଝୀ, ମାର୍ଣ୍ଣି ମାଝୀ ପ୍ରମୁଖ ତିନି ମହାନ ସଂଗ୍ରାମୀଙ୍କର ସଠିକ୍ ବେଳାରେ ମିଳନ ହୋଇଥିଲା । ଏହି ତିନି ସଂଗ୍ରାମୀ ମିଳିତ ଭାବରେ ସ୍ଥିର କରିଥିଲେ ଯେ, ଜୋକ ପରି ଲାଗିଥିବା ଫିରିଙ୍ଗି ରାକ୍ଷସକୁ ସେମାନେ ଯେମିତି ହେଲେ ନିଜ ମାତୃଭୂମିରୁ ହଟାଇବେ । ଏଥିପାଇଁ ଲଢ଼ି ଲଢ଼ି ଜୀବନ ଚାଲିଗଲେ ମଧ୍ୟ ସେମାନଙ୍କର ମନରେ ଟିକେ ହେଲେ ଦୁଃଖ ଏବଂ ବିଷାଦ ରହିବ ନାହିଁ । ଅବିଶ୍ରାନ୍ତ ଭାବରେ ସଂଗ୍ରାମ କରି ଜନ୍ମଭୂମିକୁ ବିଦେଶୀ କବଳରୁ ଉଦ୍ଧାର କରିବାକୁ ସେମାନେ ଆପ୍ରାଣ ଉଦ୍ୟମ କରିଥିଲେ । ସାରା ଜଙ୍ଗଲରେ ବିଦ୍ରୋହର ନିଆଁ କହୁଳି ଉଠିବ । ଯେତେବେଳେ ତାହା ହୁତୁହୁତୁ ହୋଇ ଜଳି ଉଠିବ ସେତେବେଳେ ସେହି ନିଆଁର ଲେଲିହାନ ଶିଖାରେ ସମଗ୍ର ଫିରିଙ୍ଗି ଜାତି ଏହି ମାଟି ଛାଡ଼ିବାକୁ ବାଧ୍ୟ ହେବ । ଏହି ଉଦ୍‌ବୋଧନରେ ସାରା କଳାହାଣ୍ଡି ତାତି ଉଠିଥିଲା । ତାତି ଉଠିଥିଲା ପ୍ରତ୍ୟେକ ଦେଶ ଭକ୍ତର ଶରୀରରେ ପ୍ରବାହିତ ରକ୍ତ କଣିକା । ଆଉ ପ୍ରତ୍ୟେକଙ୍କ କଣ୍ଠରୁ ଝରି ଆସିଥିଲା ବିଦ୍ରୋହର ସ୍ଲୋଗାନ ।

ଚକରା ବିଶୋୟୀ ଆଠ ବର୍ଷ କାଳ ଇଂରେଜ ବିରୋଧରେ ଗରିଲା ଯୁଦ୍ଧ କରି ଇଂରେଜ ସରକାରଙ୍କୁ କ୍ଷତବିକ୍ଷତ କରି ଦେଇଥିଲେ । ଯେତେ ଫିକର ଫାନ୍ଦିଲେ ମଧ୍ୟ ଚକରା ତାଙ୍କ ହାତରେ ଧରା ପଡୁନଥିଲେ । ପରିଶେଷରେ ଘାଏଲା ବାଘ ପରି ଇଂରେଜ ସରକାର ଗର୍ଜନ ଛାଡ଼ିଲା – "ମୃତ ହେଉ ବା ଜୀବିତ ହେଉ ମୋତେ ଚକରା ବିଶୋୟୀ ଦରକାର । ଯିଏ ଚକରା ବିଶୋୟୀଙ୍କୁ ଆଣି ଦେବ ତାଙ୍କୁ ଆର୍ଥିକ ପୁରସ୍କାର ଦିଆଯିବ ଏବଂ ସିଏ ଯାହା ଚାହିଁବ ତାକୁ ତାହା ମଧ୍ୟ ମିଳିବ", ବୋଲି ଘୋଷଣା କଲେ ।

୧୮୫୩ ମସିହାରେ ନାଗପୁରର ଭୌଁଷଲାଙ୍କ ରାଜ୍ୟ ବ୍ରିଟିଶ ସାମ୍ରାଜ୍ୟଭୁକ୍ତ ହେଲା ପରେ କଳାହାଣ୍ଡି ମଧ୍ୟ ମୁଖ୍ୟ କରଦ ରାଜ୍ୟ ରୂପେ ସାମିଲ୍ ହୋଇଥିଲା । ଫଳରେ ନାଗପୁର କମିଶନର୍ କଳାହାଣ୍ଡିର ମଦନପୁର-ରାମପୁର ଜମିଦାର ରାଜା ପାଖକୁ ଲେଖିଥିଲେ ଯେ, ଯଦି ଚକରା ବିଶୋୟୀ ଆପଣଙ୍କ ରାଜ୍ୟରେ ରହୁଥାନ୍ତି ତା'ହେଲେ ତୁରନ୍ତ ତାଙ୍କୁ ଇଂରେଜ ସରକାରକୁ ସମର୍ପଣ କରିବେ ।

କିନ୍ତୁ ରାଜା ଥିଲେ ଜଣେ ସ୍ୱାଧୀନଚେତା, ଭିନ୍ନ ବ୍ୟକ୍ତିତ୍ୱ । ଚକରା ବିଶୋୟୀଙ୍କ ପରି ଜଣେ କ୍ରାନ୍ତିବୀର ନେତାଙ୍କୁ ସେ'ବା କାହିଁକି ଧରାଇଥାନ୍ତେ । ସେ ପ୍ରତ୍ୟୁତ୍ତରରେ କହିଥିଲେ ନା ମୁଁ ଚକରା ବିଶୋୟୀ କିଏ ଜାଣେନା ଏବଂ ତାଙ୍କ ବିଷୟରେ ମୁଁ ସଂପୂର୍ଣ୍ଣ ଅଜ୍ଞ । ସରକାର ଚକରା ବିଶୋୟୀଙ୍କ ପ୍ରତି ଲୋକମାନଙ୍କ ମନରେ ଘୃଣା ଭାବ ଉପୁଜାଇବା ପାଇଁ ତାଙ୍କ ବିପକ୍ଷରେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାରର ଘୋଷଣାମାନ ପ୍ରକାଶ କରୁଥିଲେ । ରାଜାଙ୍କର ମନ୍ତବ୍ୟରେ ଚ଼ତୁର ଫିରିଙ୍ଗି ସନ୍ତୁଷ୍ଟ ହୋଇନଥିଲେ କି ତାହାକୁ ସ୍ୱୀକାର କଲେ ନାହିଁ । ସେ ଉର୍ଲାଦାନୀ ମାଳ ଅଞ୍ଚଳରେ ଇଂରେଜ ବିରୋଧରେ ଚଢାଉ ହେଉଥିବା ଘଟଣା ନିଶ୍ଚିତ ଭାବରେ ଚ଼କରା ବିଶୋୟୀଙ୍କ ଷଡ଼ଯନ୍ତ୍ର ବୋଲି ଅନୁମାନ କରି ଜାଣିଥିଲେ । ତେଣୁ ଚ଼କରା ବିଶୋୟୀଙ୍କୁ ପ୍ରଶ୍ରୟ ଦେଇଥିବା ଏବଂ ନିଜ ଅଞ୍ଚଳରେ ଲୁଚାଇ ରଖିଥିବା ଅଭିଯୋଗରେ ୧୮୪୬ ମସିହାରେ ଓଡ଼ିଶାର ଟ୍ରିବୁଟାରୀ ମାହାଲର ସୁପରିନ୍‌ଟେଣ୍ଡେଣ୍ଟ୍ ଜି.ଏଫ.କୁକ, ପର୍ଣ୍ଣ ସାହେବଙ୍କୁ ଚ଼ିଠି ଦ୍ୱାରା ଜଣାଇଲେ ଘୁମୁସର ରାଜ୍ୟର ବିଦ୍ରୋହୀ ଚକରା ବିଶୋୟୀ ମଦନପୁର-ରାମପୁର ଅଞ୍ଚଳରେ ଆଶ୍ରୟ ନେଇଛନ୍ତି । ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । କାରଣ ଉର୍ଲାଦାନୀ ମାଳ ଅଞ୍ଚଳରେ ବିଦ୍ରୋହ ଦିନକୁ ଦିନ ବହୁ ଗୁଣିତ ହେବାରେ ଲାଗିଛି । ତେଣୁ କରି ଏହା ନିଶ୍ଚିତ ଭାବରେ ଚକରା ବିଶୋୟୀଙ୍କର ଷଡ଼ଯନ୍ତ୍ର । କିନ୍ତୁ ରାଜା ସବୁ ଜାଣି ସୁଦ୍ଧା ସରକାରଙ୍କୁ ମିଥ୍ୟା ସଫେଇ ଦେଇଛନ୍ତି । ଚକରା ବିଶୋୟୀଙ୍କୁ ଘଣ୍ଟ ଘୋଡାଇ ରଖିବାର ପ୍ରୟାସ କରିଥିବା ଅଭିଯୋଗରେ ଇଂରେଜ ସରକାର ରାଜାଙ୍କୁ ଗାଡିଚ୍ୟୁତ କରିବା ପାଇଁ କଡ଼ା ନିର୍ଦ୍ଦେଶ ଦେଲେ । ଏହାପରେ ରାଜାଙ୍କଠାରୁ ଶାସନଦାୟିତ୍ୱ କାଢି ନିଆଯାଇଥିଲା ଓ କଳାହାଣ୍ଡି ମହାରାଜଙ୍କ ଅଧୀନରେ କିଛି ଦିନ ରଖାଯାଇଥିଲା ।

ପାରଳାଖେମୁଣ୍ଡିରେ ଚକରା ବିଶୋୟୀଙ୍କର ମୁଖ୍ୟ ସହଯୋଗୀ ଥିଲେ ରାଧାକୃଷ୍ଣ ଦଣ୍ଡସେନା । ରାଧାକୃଷ୍ଣ ଦଣ୍ଡସେନା ଓ ବୀରପୁରୁଷ ଚକରା ବିଶୋୟୀ ଉଭୟେ ମିଶି ସଉରାମାନଙ୍କୁ ଏକଜୁଟ କରି ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଚଳାଇଥିଲେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଚତୁର ବ୍ରିଟିଶ ଶାସକମାନେ ସଉରାମାନଙ୍କୁ କୌଶଳକ୍ରମେ ନିଜ ପକ୍ଷକୁ ନେଇ ଆସିଲେ । ଫଳରେ ରାଧାକୃଷ୍ଣ ଦଣ୍ଡସେନା ବଡ଼ ସହଜରେ ଇଂରେଜ ସୈନ୍ୟମାନଙ୍କ ହାତରେ ଧରାପଡ଼ି ଫାଶୀ ପାଇଲେ । ତା'ପରେ ଚକରା ବିଶୋୟୀ ଆଟିଗାଁ ଜମିଦାର ଧରମସିଂ ମାନ୍ଧାତାଙ୍କ ସହିତ ମିଶି ମଧ୍ୟ କିଛି ଦିନ ସଂଗ୍ରାମ ଚଳାଇଲେ । ଇଷ୍ଟ ଇଣ୍ଡିଆ କମ୍ପାନୀର ସୈନିକମାନେ ଯେତେବେଳେ ଜାଣିଲେ ଯେ, ଧରମସିଂ ମାନଧାତାଙ୍କର ଚକରା ବିଶୋୟୀ ସହିତ ସଂପର୍କ ଅଛି । ସେମାନେ ତାଙ୍କୁ ଗିରଫ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କଲେ । ଏତେ ସବୁ ଘଟଣା ପରେ ମଧ୍ୟ ବ୍ରିଟିଶମାନେ ଚକରା ବିଶୋୟୀଙ୍କୁ ଧରିବା ପାଇଁ ସକ୍ଷମ ହୋଇପାରିନଥିଲେ । ଚକରା ବିଶୋୟୀଙ୍କ ପରବର୍ତ୍ତୀ ଇତିହାସ ଲୋକଲୋଚନ ଅଗୋଚରରେ ରହିଯାଇଥିଲେ ସୁଦ୍ଧା ମା'ମାଟିର ସେବା ପାଇଁ ତାଙ୍କ ତ୍ୟାଗପୂତ ଜୀବନ ଉତ୍ସର୍ଗୀକୃତ ।

## ସଂଗ୍ରାମର ପୃଷ୍ଠଭୂମି:

କନ୍ଧ ସଂଗ୍ରାମର ପୃଷ୍ଠଭୂମି ୧୮୩୭ରୁ ୧୮୫୬ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ଧରି ଚାଲିଥିଲା । ମାଡ୍ରାସ ପ୍ରେସିଡେନ୍‌ସି ଓ କେନ୍ଦ୍ରୀୟ ବେଙ୍ଗଲ ପ୍ରୋଭିନ୍‌ସର ଘୁମୁସର, ସୋରଡ଼ା, ଚିନାକେମିଡ଼ି, ପାରଳାଖେମୁଣ୍ଡି, ବୌଦ୍ଧ, କଳାହାଣ୍ଡି, ଜୟପୁର ଓ ପାଟନା ପରିସୀମା ଭିତରେ କନ୍ଧ ଆନ୍ଦୋଳନର ପରିସୀମା ବ୍ୟାପ୍ତ ଥିଲା । କନ୍ଧ ସାମ୍ରାଜ୍ୟ ବହୁଧା ବିଭକ୍ତ ଥିଲା । ଏଗୁଡ଼ିକୁ ସେ ସମୟରେ ମୁଠା କୁହାଯାଉଥିଲା ଏବଂ କେତେଗୁଡ଼ିଏ ମୁଠାକୁ ନେଇ 'ମାଲିଆ' ଗଠିତ ହୋଇଥିଲା । ପ୍ରତ୍ୟେକ ମୁଠାରେ ଜଣେ ମୁଠାଦାର, ପାତ୍ର ବା ବିଶୋୟୀ ସଞ୍ଜ୍ଞାଧାରୀ ବ୍ୟକ୍ତି ଏହାର ମୁଖ୍ୟ ବୋଲାଉଥିଲେ ଏବଂ ଏହି ସଂଗଠିତ ମୁଠାକୁ ନେଇ ଗଢ଼ା ଯାଇଥିବା ମାଲିଆର ମୁଖ୍ୟଙ୍କୁ ମାଲିଆ ସର୍ଦ୍ଦାର ଭାବେ ପରିଗଣିତ କରାଯାଉଥିଲା । ମୁଠାର ମୁଠାଦାରମାନଙ୍କୁ ସହଯୋଗ କରୁଥିବା ବ୍ୟକ୍ତି ସାଧାରଣତଃ ଦୋରା ବିଶୋୟୀ

ଭାବରେ ଘୁମୁସର ଅଞ୍ଚଳରେ ପରିଚିତ ଥିଲେ । ଧର୍ମୀୟ ସହାବସ୍ଥାନକୁ ଲକ୍ଷ୍ୟ କଲେ ମୁଖ୍ୟତଃ ଏମାନେ ୨ ଭାଗରେ ବିଭକ୍ତ ହୋଇଥିଲେ ଯଥା- ଦୋରା କନ୍ଧ ଏବଂ ତାରିକନ୍ଧ । ଏହାଛଡ଼ା କନ୍ଧ ସଂପ୍ରଦାୟ ମଧ୍ୟରେ ଅନେକ ଉପଜାତି ମଧ୍ୟ ରହୁଥିଲେ । ଦେଖିବାକୁ ଗଲେ ସେ ସମୟରେ କନ୍ଧ ସମାଜ ସମର କଳା ନିପୁଣ ଥିଲେ । ଆଦିବାସୀ ସଂପ୍ରଦାୟର ଏହି କନ୍ଧଜାତି ସ୍ୱାଧୀନ ଭାବରେ ବଣଜଙ୍ଗଲରେ ବିଚରଣ କରିବାକୁ ପସନ୍ଦ କରୁଥିବା ବେଳେ ସମୟର କାଳଚକ୍ରରେ ସାଧାରଣ ବର୍ଗଙ୍କ ରାଜନୈତିକ ଆଧିପତ୍ୟକୁ ସେମାନେ କୌଣସି ମତେ ଗ୍ରହଣ କରିବାକୁ ରାଜି ନଥିଲେ । ଏହି ମନୋବୃତ୍ତି ହିଁ ତାଙ୍କୁ ବ୍ରିଟିଶ ରାଜତ୍ୱ ସମୟରେ ବିଦେଶୀ ଆଧିପତ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଖୋରାକ ଯୋଗାଇଥିଲା । କନ୍ଧ ସାମ୍ରାଜ୍ୟରେ ଚଳି ଆସିଥିବା ମେରିଆ ପୂଜା ବିରୋଧରେ ବ୍ରିଟିଶ ଶାସକ ନିଷେଧାଜ୍ଞା ଜାରି କଲା ପରେ ସମସ୍ତ କନ୍ଧ ଜାତି ଏହା ବିରୋଧରେ ବିଦ୍ରୋହ ଆରମ୍ଭ କରିଥିଲେ । ସାମାଜିକ ଧର୍ମୀୟ ଚିନ୍ତାଧାରାର ମୂଳଭିତ୍ତି ମେରିଆ ପୂଜାକୁ ସହଜରେ ଛାଡ଼ିଦେବା ପାଇଁ ସେ ସମୟରେ ସେମାନେ ପ୍ରସ୍ତୁତ ନଥିଲେ । କନ୍ଧ ସଂପ୍ରଦାୟର ପୂଜକଙ୍କୁ ଟଙ୍କା, ଜାଗା ଓ ଗାଈ, ମଇଁଷି ଆଦି ମାଗଣାରେ ପ୍ରଦାନ କରି ସେମାନଙ୍କୁ ପ୍ରଲୋଭିତ କରି ଧର୍ମାନ୍ତିକରଣ ପ୍ରକ୍ରିୟା କନ୍ଧମାନଙ୍କୁ ସେତେବେଳେ ରକ୍ତ ମୁଖା କରି ରଖିଥିଲା । ଧରଣୀ ପେନୁ କନ୍ଧ ସଂପ୍ରଦାୟର ମୁଖ୍ୟ ଦେବତା ଥିଲେ । ଧରଣୀ ପେନୁକୁ ରକ୍ତ ଦେଲେ ଧରଣୀ ମାତା ତାଙ୍କୁ ପ୍ରଚୁର ଫସଲ ଦେବା ସହିତ ସବୁ ପ୍ରକାରର ଦୈବଦୁର୍ବିପାକରୁ ରକ୍ଷା କରି ସମୃଦ୍ଧି ଆଣିଦେବ ବୋଲି ସେମାନଙ୍କର ଚିରାଚରିତ ବିଶ୍ୱାସ ରହି ଆସିଅଛି । ପୌଷ ପୂର୍ଣ୍ଣିମାରେ ଧରଣୀ ପେନୁକୁ ସନ୍ତୁଷ୍ଟ କରିବା ଲାଗି ବଳି ଦେବା କନ୍ଧ ସଂପ୍ରଦାୟର ଧର୍ମୀୟ ଚିନ୍ତାଧାରାର ଏକ ମୁଖ୍ୟ ଉତ୍ସ ହୋଇ ରହିଥିଲା ।

ବ୍ରିଟିଶ ଶାସନ କନ୍ଧ ସଂପ୍ରଦାୟରୁ ମେରିଆ ବଳୀ ପ୍ରଥାକୁ ବନ୍ଦ କରିବାରେ ବିଫଳ ହେବା ପରେ ଯୋରଜବରଦସ୍ତି ବଳ ପ୍ରୟୋଗ କରି ଏହା ବନ୍ଦ କରିବା ପାଇଁ ଚେଷ୍ଟା କଲା । କନ୍ଧମାନଙ୍କର ନିବାସସ୍ଥଳର ଭୌଗୋଳିକ କ୍ଷେତ୍ର ଏତେ ଅଗମ୍ୟ ଥିଲା ଯେ, ବ୍ରିଟିଶ ଶାସକ ପକ୍ଷେ ଏ ପ୍ରକାର ଦୁରୁହ କାର୍ଯ୍ୟାନୁଷ୍ଠାନ କାର୍ଯ୍ୟକାରୀ କରିବା ସହଜ ହୋଇପାରି ନଥିଲା ।

## ବ୍ରିଟିଶ ବିରୋଧରେ ରେଣ୍ଡୋ ମାଝୀଙ୍କ ସଂଗ୍ରାମ:

ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ ସାଂସ୍କୃତିକ ପରମ୍ପରା ବା ଧର୍ମୀୟ ପୂଜାପଦ୍ଧତିରେ ଯେତେ କଠୋର ପଦ୍ଧତି ଅବଲମ୍ବନ କରା ହେଉଥିଲା ତାହା ସମସ୍ତେ ଭକ୍ତିପୁତ ଚିତ୍ତରେ ଅନ୍ଧ ଭାବରେ ଗ୍ରହଣ କରିନେଉଥିଲେ । ଏମିତିକି ସଂପୃକ୍ତ ଅଞ୍ଚଳର ଶାସକ ଗୋଷ୍ଠୀ ରାଜା ମହାରାଜାମାନେ ମଧ୍ୟ ଏଥିପ୍ରତି ନୀରବତା ଅବଲମ୍ବନ କରୁଥିଲେ । କାରଣ ସେମାନେ ଭଲଭାବେ ଅବଗତ ଥିଲେ ଯେ, ଯଦି କନ୍ଧମାନଙ୍କର କୌଣସି ଧର୍ମଭାବନା ଉପରେ ଅଙ୍କୁଶ ଲଗାଯାଏ, ତେବେ ସେମାନେ କାହାରିକୁ ଛାଡ଼ିବେନି ବରଂ ସେମାନଙ୍କ ମଧ୍ୟରେ ଅଶାନ୍ତି ବଢ଼ିବ ଯାହା ଫଳରେ କି ଭବିଷ୍ୟତର ଶାସନ ପ୍ରଣାଳୀ ତଥା ରାଜପଦବୀ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହେବ । ଇଂରେଜମାନେ ଓଡ଼ିଶାକୁ ଆଗମନ କରିବା ପରେ ପରେ ସେମାନଙ୍କର ଦକ୍ଷିଣ ଓଡ଼ିଶାର କନ୍ଧମାନେ ବହୁତ ଧୁମ୍‌ଧାମ୍‌ରେ ପାଳନ କରୁଥିବା ମେରିଆ ପର୍ବ ଉପରେ ଦୃଷ୍ଟି ପଡ଼ିଥିଲା । ଇଂରେଜମାନଙ୍କ ମତରେ ମେରିଆ ପର୍ବ ସଂପୂର୍ଣ୍ଣ ଭାବରେ ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ଉପରେ ପର୍ଯ୍ୟବେଶିତ । ଏହିଭଳି ଏବେ ଅମାନୁଷିକ, ନିଷ୍ଠୁର, କଠୋର ପ୍ରଥାକୁ ସମାଜରେ ପାଳନ କରିବା ଉଚିତ ନୁହେଁ ଏବଂ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ସେମାନେ ବିଭିନ୍ନ ପ୍ରକାରର କୁଟନୀତି ଅବଲମ୍ବନ କରିଥିଲେ ।

କେବଳ ଯେ, କଳାହାଣ୍ଡିର କନ୍ଧମାନେ ମେରିଆ ଦେଉଥିଲେ ତାହା ନୁହେଁ ଓଡ଼ିଶାର ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ବାସ କରୁଥିବା କନ୍ଧମାନେ ମଧ୍ୟ ଏହି ପ୍ରଥା ପାଳନ କରୁଥିଲେ । ଅନୁଗୁଳ, ବୌଦ୍ଧ, ବୋଡ଼ାସମ୍ବର, ପାଟଣା ଆଦି ଅଞ୍ଚଳରେ ମଧ୍ୟ ଏହି ମେରିଆ ପର୍ବ ଜାକଜମକରେ ପାଳନ ହେଉଥିଲା । ଏହା ସେମାନଙ୍କର ସବୁଠାରୁ ବଡ ଏବଂ ମୁଖ୍ୟ ପର୍ବ ଥିଲା । ଏହି ସବୁ ଆଦିବାସୀ ବହୁଳ ଅଞ୍ଚଳରୁ ମେରିଆ ପର୍ବ ପରି ଅନ୍ୟାନ୍ୟ ଧାର୍ମିକ ପ୍ରଥା ଯାହାକି ଲୋକବିଶ୍ୱାସ ଏବଂ ପରମ୍ପରା ଉପରେ ପର୍ଯ୍ୟବେସିତ ତାହାକୁ ବନ୍ଦ କରିବା ପାଇଁ ଆଇନ ପ୍ରଣୟନ କରାଗଲା । ଏହି ଆଇନ କିନ୍ତୁ ପ୍ରତିକୂଳ ପ୍ରଭାବ ପକାଇଥିଲା କନ୍ଧ ଗୋଷ୍ଠୀ ଉପରେ । କାରଣ ଏମାନେ ଏହି ସବୁ ପର୍ବକୁ ଅତ୍ୟନ୍ତ ନିଷ୍ଠା, ଶ୍ରଦ୍ଧା ଏବଂ ଭକ୍ତି

ସହିତ ନିଜର ତଥା ନିଜ ସମାଜର ଅଭିବୃଦ୍ଧି ହେବା ସକାଶେ ପାଳନ କରୁଥିଲେ । ଯୁଗ ଯୁଗର ବିଶ୍ୱାସକୁ ହଠାତ୍ ବନ୍ଦ କରିଦେବା ସେମାନଙ୍କ ପକ୍ଷରେ ଗ୍ରହଣୀୟ ବା କିପରି ହୁଅନ୍ତା ।

କନ୍ଧ ସମାଜରେ ପ୍ରଚଳିତ ଚଳିଚଳଣି, ରୀତିନୀତି ଉପରେ ବାହ୍ୟ ଶତ୍ରୁର ଅଯଥା ହସ୍ତକ୍ଷେପ କଲେ ସେମାନେ ଅତ୍ୟନ୍ତ ଆଘାତ ପାଆନ୍ତି ଏବଂ ହିଂସ୍ର ହୋଇଯାଆନ୍ତି । ଏହାଦ୍ୱାରା ନିଜର ଅନ୍ତରରେ କୁହୁଳୁ ଥିବା ଅଶାନ୍ତିର ଭାବକୁ ବାହାରେ ତଥା ମିଳିତ ହୋଇ ପ୍ରକାଶ କରିବାକୁ ସେମାନେ ସୁଯୋଗ ପାଇଥାନ୍ତି । ଏଥିପାଇଁ ଅଭାବ ଥିଲା ଏକ ଦୃଢ଼ ନେତୃତ୍ୱର । ସେହି ଶୂନ୍ୟ ସ୍ଥାନକୁ ପୂରଣ କରିଥିଲେ ଉର୍ଲଦାନୀ କନ୍ଧମାନଙ୍କର ପାଟମାଝୀ, ସର୍ଦ୍ଦାର ରେଣ୍ଡୋ ମାଝୀ ।

ବ୍ରିଟିଶ ଶାସନ ପ୍ରତି ଆଦିବାସୀ ଜନତା ବିତସ୍ପୃହ ହେବାର ଏକମାତ୍ର କାରଣ ମେରିଆ ପର୍ବ ଉଚ୍ଛେଦ ନଥିଲା । ଏଥି ସହିତ ଆହୁରି ଅନେକ କାରଣ ମଧ ଯୋଡ଼ି ହୋଇ ରହିଥିଲା । ରାଜସ୍ୱ, କର, ଖଜଣା ଆଦି ଶବ୍ଦ ସେମାନଙ୍କ ପାଇଁ ନୂଆ ଥିଲା । ଏହି ବାବଦରେ ସେମାନେ ସଂପୂର୍ଣ୍ଣ ଅଜ୍ଞ ଥିଲେ । କାରଣ ସେମାନେ ଭାବୁଥିଲେ ସେମାନେ ପ୍ରକୃତିର ସନ୍ତାନ, ପ୍ରକୃତି ଉପରେ ନିର୍ଭର କରି ସେମାନେ ବଞ୍ଚିଥାନ୍ତି । ସେମାନେ କାହାରି ଧାର ଧାରନ୍ତି ନାହିଁ । ଜଙ୍ଗଲ ଡଙ୍ଗରରେ ବାସ କରୁଥିବା କନ୍ଧମାନେ ସାଧାରଣତଃ ପୋଡୁଚାଷ କରି ଜୀବିକା ନିର୍ବାହ କରୁଥିଲେ । ମାଟିର ଉର୍ବରତା ଦୃଷ୍ଟିରୁ ସେମାନେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥାନ୍ତି । ସେମାନେ ଜଙ୍ଗଲର ଏକ ଅଂଶରୁ ଗଛଲତା ସବୁ କାଟି ଚାଷ ଜମି ପ୍ରସ୍ତୁତ କରୁଥିଲେ । ପୁରୁଷ ପୁରୁଷ ଧରି ପ୍ରଚଳିତ ଏହି ପ୍ରଥା ଉପରେ ଜମି ଭୋଗ କରୁଥିଲେ । ସରକାରଙ୍କୁ ରାଜସ୍ୱ ବା ଖଜଣା ଦେବା କଥା ସେମାନଙ୍କର ଚିନ୍ତାର ବାହାରେ ଥିଲା । ଖଜଣା ଦେବା ଭଳି ଆର୍ଥିକ ଅବସ୍ଥା ମଧ ସେମାନଙ୍କର ନଥିଲା । ଆଦିବାସୀମାନେ ବଞ୍ଚିବା ପାଇଁ ଯେତିକି ଅତ୍ୟାବଶ୍ୟକ ପଦାର୍ଥ ତାହା ସେମାନେ ଜଙ୍ଗଲରୁ ହିଁ ସଂଗ୍ରହ କରିଥାନ୍ତି । ଅଧିକ ଚାଷ କରି ଅଧିକ ଅମଳ ପାଇବା, ସେଥିରୁ ଲାଭବାନ ହୋଇ ଧନୀ ହେବାର ସ୍ୱପ୍ନ ସେମାନେ କେବେ ବି ଦେଖନ୍ତି ନାହିଁ । ରାଜା ମହାରାଜାମାନେ ମଧ କେବେ ଆଦିବାସୀମାନଙ୍କ ଉପରେ କର


ଧାର୍ଯ୍ୟ କରୁନଥିଲେ । ଓଡ଼ିଶାକୁ ଇଂରେଜମାନେ ପ୍ରବେଶ କରିବା ଫଳରେ କମ୍ପାନୀ ଶାସନ ପ୍ରବର୍ତ୍ତନ ହେଲା । ରାଜାମାନେ ବ୍ରିଟିଶ ସରକାରର ଅଧୀନକୁ ଯାଇ ନିଜର ଶାସନ କ୍ଷମତାକୁ ହରାଇ ବସିଥିଲେ । ଯାହା ଫଳରେ କି ସେମାନଙ୍କର ଶାସନ ନୀତି କାମ କରିନଥିଲା । ଇଂରେଜମାନେ କଳାହାଣ୍ଡିର ଜଙ୍ଗଲ ସଂପଦକୁ ଦେଖି ସେଥିରୁ ଅଧିକ ଲାଭବାନ ହେବା ଆଶାରେ ତାହା ଉପରେ କର ବସାଇଥିଲେ । ସେମାନେ ଭୂମିସତ୍ତ୍ୱାଧିକାର ଆଇନ୍ ପ୍ରଣୟନ କଲେ ଯାହାଦ୍ୱାରା ଜନସାଧାରଣ ବିନା ଟିକସରେ ଜଙ୍ଗଲଜାତ ଦ୍ରବ୍ୟକୁ ଛୁଇଁ ପାରିବେନି । କମ୍ପାନୀ ଶାସନର ଏହି ନୂଆ ପ୍ରକାର ଆଇନକୁ ଆଦିବାସୀମାନେ ମାନିବାକୁ ପ୍ରସ୍ତୁତ ନଥିଲେ । ରେଣ୍ଡୋ ମାଝୀ ନିଜେ ମଧ୍ୟ ଏହି ନୀତିକୁ ବିରୋଧ କଲେ ।

ଜଙ୍ଗଲକୁ ଠିକା ଦେଇ ବିଭିନ୍ନ ଜିନିଷ ଉପରେ କର ବସାଇଥିଲେ ମଧ୍ୟ ଇଂରେଜ ସରକାର ଆଦିବାସୀମାନଙ୍କୁ ଗୋଲାମ୍ କରି ପାରିନଥିଲା । ନିଷ୍ଠୁର ଇଂରେଜ ସରକାର ସେମାନଙ୍କୁ ଦମନ କରି ନପାରି ଦରିଦ୍ର, ନିଃସହାୟ, ସରଳ ପ୍ରକୃତିରେ ଆଦିବାସୀଙ୍କ ବାସ ଗୃହରେ ଶେଷରେ ନିଆଁ ଲଗାଇ ଦେଇଥିଲା ।




ବିଦ୍ରୋହର ସ୍ଫୁଲିଙ୍ଗ ଏହିଠାରୁ ଆରମ୍ଭ

ଘରେ ନିଆଁ ଲଗାଇ କ୍ୟାମ୍ପବେଲ ସାହେବ୍ କିନ୍ତୁ ବଡ଼ ଭୁଲ୍ କରିଥିଲେ । ସେହି ନିଆଁ କନ୍ଧମାନଙ୍କ ଘରେ ନଜଳି ବିଦ୍ରୋହୀ ଛାତିତଳେ ହୁତୁହୁତୁ ଜଳି ଉଠିଥିଲା ଏବଂ କ୍ରୋଧ ରୂପକ ଅଗ୍ନିକୁ ବହୁଗୁଣିତ କରିଥିଲା ।



ରେଣ୍ଡୋ ମାଝୀଙ୍କ ଖଣ୍ଡା

ଗୋଟିଏ ପାର୍ଶ୍ୱରେ ଘରପୋଡ଼ି ଓ ଅନ୍ୟ ପାର୍ଶ୍ୱରେ ରାଜପ୍ରାସାଦ ଲୁଟ୍‌ପାଟ୍ ସମ୍ବାଦ ମେଳିମାନଙ୍କ ପାଖରେ ପହଞ୍ଚିବା ମାତ୍ରେ ସେମାନେ ସିଂହ ପରି ଗର୍ଜି ଉଠିଥିଲେ । ରେଣ୍ଡୋ ମାଝୀ ତାଙ୍କ ଅଧୀନରେ ଥିବା ୩୮ଟି ଗାଁର ଧର୍ମମୁଖ୍ୟ, ରାଜନୈତିକ ମୁଖ୍ୟମାନଙ୍କୁ ଏକଜୁଟ୍ କରି ବିଦ୍ରୋହ ଆରମ୍ଭ କରିଥିଲେ । ଉର୍ଲାଦାନୀରୁ ଏହି ବିଦ୍ରୋହର ସୂତ୍ରପାତ ହୋଇଥିଲା । ଏବେ ମଧ୍ୟ ଉର୍ଲାଦାନୀସ୍ଥିତ ରେଣ୍ଡୋ ମାଝୀଙ୍କ ଘର ଖଣ୍ଡିକ ସ୍ମୃତି ବହନ କରି ଛିଡ଼ା ହୋଇଛି । ଆଜି ମଧ୍ୟ ଏଇଠି ତାଙ୍କ ବ୍ୟବହୃତ ଖଣ୍ଡା ପୂଜା ପାଉଛି । *(ରେଣ୍ଡୋ ମାଝୀଙ୍କର ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ତାଙ୍କର ବଂଶଧରମାନେ ଆଜି ମଧ୍ୟ ତାଙ୍କ ଦ୍ୱାରା ବ୍ୟବହୃତ ଏକ ଖଣ୍ଡାକୁ ସାଇତି ରଖିଛନ୍ତି । କାନ୍ଦ୍‌କା ମାଝୀଙ୍କ ବକ୍ତବ୍ୟ ଅନୁଯାୟୀ ଉକ୍ତ ଖଣ୍ଡାଟି ବହୁତ ନୀତିନିୟମ ପାଳନ କରାଯାଇ ରଖାଯାଇଛି । ଘର ଯଦି କୌଣସି ପ୍ରକାରେ ଅପବିତ୍ର ହେଲା ତେବେ ଉକ୍ତ ସିଧା ଖଣ୍ଡାଟି ବଙ୍କା ହୋଇଯାଏ କିମ୍ବା କୁକୁଡ଼ା ଚିଆଁ ରାବିଲାପରି ଶବ୍ଦ ଶୁଭେ । ଏହି ଶବ୍ଦକୁ ସେମାନେ ଖଣ୍ଡାଟି କାନ୍ଦୁଛି ବୋଲି ବିଶ୍ୱାସ କରିଥାନ୍ତି । ସେମାନଙ୍କର କହିବା ଅନୁଯାୟୀ କିଛି ବର୍ଷ ପୂର୍ବେ କଳାହାଣ୍ଡିର ରାଜା ପି. କେ. ଦେଓ ଉକ୍ତ ଖଣ୍ଡାଟି ନେଇ ନିଜ ଘରେ ରଖିଥିଲେ । କିନ୍ତୁ କିଛି ଦିନ ରଖିଲାପରେ ତାଙ୍କ ଘରେ ମଧ୍ୟ ଖଣ୍ଡାଟି କୁକୁଡ଼ା ଚୁଆଁ ପରି ଚିଁ ଚିଁ...... ଶବ୍ଦ କରିବାରୁ ସେ ଖଣ୍ଡାଟିକୁ କାନ୍ଦ୍‌କା ମାଝୀଙ୍କୁ ଫେରାଇ ଦେଲେ । ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମା ପୂର୍ବଦିନ*



ରେଣ୍ଡୋ ମାଝୀଙ୍କ ସଭାମଞ୍ଚ

*ସ୍ୱତନ୍ତ୍ର ଭାବେ ପୂଜା ପାଠ କରିବା ପରେ ଉକ୍ତ ଖଣ୍ଡାକୁ ବାହାରକୁ ଅଣାଯାଏ । ବିନା ପୂଜା ପାଠରେ ଉକ୍ତ ଖଣ୍ଡାକୁ ଛୁଇଁବା ମଧ୍ୟ ମନା ।)* ରେଣ୍ଡୋ ମାଝୀଙ୍କ ବିଦ୍ରୋହକୁ ବୌଦ୍ଧ, ବଲାଙ୍ଗୀରର ରାଜାଙ୍କର ପ୍ରେରଣା ଆହୁରି ଖୋରାକ ଯୋଗାଇଥିଲା । ଯାହାଫଳରେ କି ସେ ଶହ ଶହ ଜନତାଙ୍କୁ ଉର୍ଲାଦାନୀଠାରେ ଉଦ୍‌ବୋଧନ ଦେଇ ବିପ୍ଳବର ମହାନ୍ ସ୍ରୋତରେ ସାମିଲ କରି ସରକାର ବିରୋଧରେ ରକ୍ତମୁଖା ସଂଗ୍ରାମର ଡାକରା ଦେଇଥିଲେ । ସେ ଯେଉଁ ସ୍ଥାନରୁ ବିପ୍ଳବର ବହ୍ନି ଜାଳି ଥିଲେ, ସ୍ମୃତିସ୍ୱରୂପ ଏବେ ମଧ୍ୟ ସେଠାରେ ଏକ ମଣ୍ଡପ ନିର୍ମିତ ହୋଇଛି ।*( ବାସ୍ତବ କାହାଣୀ ପରବର୍ତ୍ତୀ ପର୍ଯ୍ୟାୟରେ ଲୋକକଥାକୁ ପରିବର୍ତ୍ତିତ ହେଲେ ଯେପରି କିମ୍ଭୁତ କିମାକାର ହୋଇଯାଏ, ଠିକ୍ ସେହିପରି ଏହି ମଣ୍ଡପ ସଂପ୍ରତି ରେଣ୍ଡୋ ମାଝୀଙ୍କର ସମସ୍ତ ଅସ୍ତ୍ରଶସ୍ତ୍ର ପୋତା ହୋଇଥିବାର ବାର୍ତ୍ତା ବହନ କରେ । ପ୍ରତିବର୍ଷ ଡିସେମ୍ବର ୧୦ ତାରିଖ ଶହୀଦ୍ ଦିବସରେ ତାଙ୍କର ସ୍ମୃତି ସ୍ତମ୍ଭଠାରୁ ମଶାଲ ଶୋଭାଯାତ୍ରା ବାହାରି ଉକ୍ତ ଅସ୍ତ୍ରଶସ୍ତ୍ର ପୋତା ଯାଇଥିବା ଗଛମୂଳକୁ ଆସେ ଏବଂ ପୁଣି ସ୍ମୃତି ସ୍ତମ୍ଭ ନିକଟକୁ ଫେରିଯାଏ ।)*

ରେଣ୍ଡୋ ମାଝୀଙ୍କ ନେତୃତ୍ୱରେ କନ୍ଧମାନଙ୍କ ବିଦ୍ରୋହ ପ୍ରଥମେ ରାମପୁର ରାଜାଙ୍କ ବିରୁଦ୍ଧରେ ହୋଇଥିଲା । କାରଣ ଇଂରେଜମାନେ ରାଜାମାନଙ୍କ ଦ୍ୱାରା ପରୋକ୍ଷ ଭାବେ କନ୍ଧମାନଙ୍କଠାରୁ ରାଜସ୍ୱ ଆଦାୟ କରୁଥିଲେ । ଏଥିରେ ରାଜାମାନେ ଇଂରେଜମାନଙ୍କୁ ପୂର୍ଣ୍ଣ ସହଯୋଗ କରୁଥିଲେ । ନଚେତ୍ ସେମାନଙ୍କୁ ରାଜପଦବୀ ହରାଇବାକୁ ପଡ଼ିବ । ସେମାନେ କ୍ଷମତାଚ୍ୟୁତ ହେବା ଭୟରେ ଇଂରେଜ ସରକାର ସହିତ ସାଲିସ୍ କରି ଚାଲିଥିଲେ । କନ୍ଧମାନଙ୍କର ଏପରି ସଂଗ୍ରାମ ଦେଖି ରାଜା ମଧ୍ୟ ଭୟଭୀତ ହୋଇଯାଇ ସବୁ ଦୋଷ ଇଂରେଜମାନଙ୍କ ମୁଣ୍ଡରେ ଲଦି ଦେଇଥିଲେ । ଆଦିବାସୀ ଗୋଷ୍ଠୀ ରାଜାଙ୍କର କଥାର ଅର୍ଥ ବୁଝି ଇଂରେଜମାନେ ଯେ ସବୁ ବିଶୃଙ୍ଖଳାର ମୂଳ କାରଣ ବୋଲି ଜାଣିଲେ । ତେଣୁ ପରବର୍ତ୍ତୀ ସଂଗ୍ରାମ ସେମାନଙ୍କର ଇଂରେଜମାନଙ୍କ ବିରୋଧରେ ଆରମ୍ଭ ହୋଇଥିଲା ।

ଏହି ସମୟରେ ଘୁମୁସରର ଯୋଦ୍ଧା, ବୀର ଚକରା ବିଶୋୟୀ କନ୍ଧମାନଙ୍କୁ ମେଳି କରି ଇଂରେଜମାନଙ୍କ ବିରୋଧରେ ତୁମୁଳ ଯୁଦ୍ଧ ଚଳାଇଥାନ୍ତି । ରେଣ୍ଡୋ ମାଝୀଙ୍କ ପରି ଚକରା ବିଶୋୟୀ ମଧ୍ୟ ଜଣେ ଟାଣୁଆ ନେତା ଥିଲେ । ସେ ଅନ୍ୟାୟ, ଅତ୍ୟାଚାର, ଶୋଷଣର ଘୋର ବିରୋଧି ଥିଲେ । ଏହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଶାର କେତେକ ନେତୃବୃନ୍ଦ ଅର୍ଥ ଏବଂ କ୍ଷମତା ଲୋଭରେ ବଶବର୍ତ୍ତୀ ହୋଇ ଗୋରାମାନଙ୍କୁ ସାହାଯ୍ୟ କରୁଥାନ୍ତି । ସେମାନେ ନିଜର ସ୍ୱାର୍ଥ ପାଇଁ କେତେକ ଗୋପନ ତଥ୍ୟ ଏବଂ ଆଦିବାସୀମାନଙ୍କର ଗୋପନ ମେଳିସ୍ଥାନ ବାବଦରେ ମଧ୍ୟ ଇଂରେଜମାନଙ୍କୁ ତଥ୍ୟ ପ୍ରଦାନ କରୁଥିଲେ ଫଳରେ ଅନେକ ସମୟରେ ଆଦିବାସୀଙ୍କର ଯୋଜନାଗୁଡ଼ିକ ଫଳପ୍ରଦ ହୋଇ ପାରୁନଥିଲା ।

ଏହି ବିଦ୍ରୋହ ଚାଲିଥିବା ସମୟରେ କନ୍ଧମାନଙ୍କ ମଧ୍ୟରେ ଏକ ସମସ୍ୟା ମୁଣ୍ଡ ଟେକିଥିଲା ଯାହା ଫଳରେ କି ରେଣ୍ଡୋ ମାଝୀ ଅତ୍ୟନ୍ତ ବ୍ୟସ୍ତ ହୋଇ ଯାଇଥିଲେ । ସବୁ ବର୍ଗର କନ୍ଧମାନଙ୍କର ସମାନ ପରିମାଣର ଜମି ନଥିଲା । ଯେଉଁ ମାନଙ୍କର ଅଧିକ ଜମି ଥିଲା ଏବଂ ସେମାନଙ୍କ ଜମି ଇଂରେଜମାନେ ଅକ୍ତିଆର କରିବା ଫଳରେ ସେମାନେ ଭୂମିହୀନ ହୋଇଗଲେ । ତେଣୁ ସେମାନେ ବିଦ୍ରୋହ ପାଇଁ ରେଣ୍ଡୋ ମାଝୀଙ୍କୁ ସମର୍ଥନ କଲେ । କିନ୍ତୁ କୁଟିଆ କନ୍ଧମାନଙ୍କର ଅନ୍ୟମାନଙ୍କ

ତୁଳନାରେ କମ୍ ଜମି ଥିବାରୁ ସେମାନେ ଏହି ବିଦ୍ରୋହରେ ଅଂଶଗ୍ରହଣ କରିବାକୁ ରାଜି ହେଲେ ନାହିଁ । ଏହିପରି ଅନେକ ପ୍ରତିକୂଳ ପରିସ୍ଥିତିର ସାମନା କରିବାକୁ ପଡ଼ିଥିଲେ ମଧ୍ୟ ରେଣ୍ଡୋ ମାଝୀ ନିଜର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇନଥିଲେ ।

ବ୍ରିଟିଶମାନେ ଦକ୍ଷିଣ ଓଡ଼ିଶାରେ ଲୋକ ପ୍ରିୟ ମେରିଆ ପ୍ରଥା ବନ୍ଦ କରିବା ପାଇଁ ୧୮୪୫ ମସିହାରେ ଲେଫ୍‌ନାଣ୍ଟ କର୍ଣ୍ଣେଲ କେମ୍ପବେଲଙ୍କୁ ସରକାରୀ ଏଜେଣ୍ଟ ଭାବେ ନିଯୁକ୍ତି କଲେ । ଇଂରେଜମାନେ ନୂଆ ବୁଦ୍ଧି କୌଶଳ ଅବଲମ୍ବନ କରି କନ୍ଧମାନଙ୍କୁ ଦମନ କରିବାକୁ ଯେତେ ଯୋଜନା କଲେ ମଧ୍ୟ ସେମାନେ ଏଥିରେ ସଫଳ ହୋଇନଥିଲେ । ରେଣ୍ଡୋ ମାଝୀ ଏବଂ ମାର୍ଣ୍ଣି ମାଝୀଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ଫଳରେ ଫିରିଙ୍ଗି ସରକାର ବ୍ୟତିବ୍ୟସ୍ତ ହୋଇପଡୁଥିଲେ । ସେମାନେ ଚିନ୍ତା କରିପାରୁ ନଥିଲେ ଏହି ବିଦ୍ରୋହ କିପରି ଦମନ କରାଯିବ । ରେଣ୍ଡୋ ମାଝୀଙ୍କ ପରି କୌଶଳୀ ସଂଗ୍ରାମୀ ବୀରକୁ କେମିତି ସେମାନେ ଗିରଫ କରିବେ । ହେଲେ ଦେଶ ମାତୃକାର ପରମ ଭକ୍ତ, ପ୍ରକୃତିର ପୂଜକ, ନିଜ ଜାତି ଭାଇଙ୍କର ସୁଖଦୁଃଖର ସାଥି ରେଣ୍ଡୋ ମାଝୀଙ୍କ ଉପରେ ମା' ସମଲାଇ, ମା' ମାଣିକେଶ୍ୱରୀ ଓ ଧରଣୀପେନୁଙ୍କ ଅପାର କରୁଣା ବଳରେ ସେ ଖୁବ୍ ବଳଶାଳୀ ଥିଲେ ଏବଂ ପ୍ରତ୍ୟେକ ରଣ କୌଶଳରେ ବିଜୟ ଲାଭ କରିଚାଲିଥିଲେ । ତାଙ୍କ ତୀକ୍ଷ୍ଣ ବୁଦ୍ଧି ଯୋଗୁଁ ସେ ଇଂରେଜମାନଙ୍କ ହାତରେ ଧରାପଡୁନଥିଲେ ।

ରେଣ୍ଡୋ ମାଝୀଙ୍କର ରଣ କୌଶଳ ଦେଖି କର୍ଣ୍ଣେଲ କେମ୍ପବେଲ୍ ସାହେବଙ୍କ ହୃତସ୍ପନ୍ଦନ ବହୁଗୁଣିତ ହୋଇ ଯାଇଥାଏ । ବାରମ୍ବାର ବିଦ୍ରୋହୀମାନଙ୍କ ଦ୍ୱାରା ଶିକାର ହୋଇ ଫିରିଙ୍ଗି ସୈନ୍ୟ ମଧ୍ୟ ଅସ୍ତବ୍ୟସ୍ତ ହୋଇ ପଡୁଥିଲେ । ଇଂରେଜମାନେ ବଡ଼ ଚିନ୍ତାରେ ପଡ଼ିଯାଇଥିଲେ । ବିଚାର ବିମର୍ଷ କରି କ'ଣ ଏବଂ କେମିତି କରିବେ, ଭାବିଭାବି ଶାନ୍ତିରେ ନିଶ୍ୱାସ ନେଇ ପାରୁ ନଥାନ୍ତି । ପ୍ରବଳ ପରାକ୍ରମଶାଳୀ ବୀର ଯୋଦ୍ଧା ରିଣ୍ଡୋ ମାଝୀଙ୍କୁ କିପରି ଗିରଫ କରିବେ ସେହି ଚିନ୍ତାରେ ତାଙ୍କ ଦିନ ରାତି ବିତୁଥାଏ ।

୧୮୫୩ ମସିହାରେ ଇ.ଏ. ସାମୁଏଲସ୍ ସାହେବ ଦୀନବନ୍ଧୁ ପଟ୍ଟନାୟକଙ୍କୁ କନ୍ଧମାଳର ତହସିଲଦାର ରୂପେ ନିଯୁକ୍ତ କଲେ । ଏତେ ସବୁ ସତର୍କତା ପରେ ମଧ୍ୟ

ବ୍ରିଟିଶ ସରକାର କନ୍ଧମାନଙ୍କୁ ଦମନ କରିବାରେ କିମ୍ବା କନ୍ଧ ବିଦ୍ରୋହର ମୁଖ୍ୟ ପୃଷ୍ଠପୋଷକ ଚକରା ବିଶୋୟୀ ଓ ରେଣ୍ଡୋ ମାଝୀଙ୍କୁ ଧରିବାରେ ସଫଳ ହୋଇପାରୁ ନଥିଲେ ।

ଶେଷରେ ଫୁଲବାଣୀ ଜିଲ୍ଲାର ତତ୍‌କାଳୀନ ତହସିଲଦାର ଦୀନବନ୍ଧୁ ପଟ୍ଟନାୟକ କଳେବଳେ କୌଶଳେ ରେଣ୍ଡୋ ମାଝୀଙ୍କୁ ଧରାଇ ଦେବେ ବୋଲି କହି ଇଂରେଜମାନଙ୍କୁ ଆଶ୍ୱସନା ଦେଇଥିଲେ ।

ଘାଇଲା ବାଘ ପରି ଇଂରେଜ ସରକାର ଦୀନବନ୍ଧୁ ପଟ୍ଟନାୟକଙ୍କର ସାଥିରେ ରେଣ୍ଡୋ ମାଝୀଙ୍କୁ ଖୋଜି ବୁଲିଲା । ଏହି ସମୟରେ ରେଣ୍ଡୋ ମାଝୀ ତାଙ୍କ ଶ୍ୱଶୁର ଘର ଲୁବେନଗଡ଼କୁ କିଛିଦିନ ପାଇଁ ଚାଲି ଯାଇଥିଲେ । ଲୁବେନ୍‌ଗଡ଼ ହେଉଛି ଝରଣା, ଘଞ୍ଚ ବଣ ଜଙ୍ଗଲ ପରିପୂର୍ଣ୍ଣ ଅଞ୍ଚଳ ଯାହାର ଚାରିପଟେ ଦୁର୍ଗମ ପାହାଡ଼ ଅବସ୍ଥିତ । ଏହା କଳାହାଣ୍ଡିର ଶେଷ ସୀମା ତଥା ଉର୍ଲାଦାନୀ ଗ୍ରାମ ପଞ୍ଚାୟତ ଓ ଫୁଲବାଣୀ ସୀମାସ୍ଥିତ ପାହାଡ଼ ଘେରା ଗ୍ରାମ ଅଟେ ।

ଏହା ପ୍ରକୃତରେ ଗଡ଼ଟିଏ ପରି ଗଡ଼ଟିଏ । ଯାହାର ଚତୁଃପାର୍ଶ୍ୱରେ ପରସ୍ତ ପରସ୍ତ ପାହାଡ଼ ଘେରି ରହିଛି । ଏହାର ପୂର୍ବରେ ଦୁରାବାଲି, ପଶ୍ଚିମରେ ମୁତୁଙ୍ଗି ଓ ଶ୍ରାମ୍ବୁ, ଉତ୍ତରରେ ଗସ୍ମା ତଥା ଦକ୍ଷିଣରେ ଲୁବେନ ପାହାଡ଼ ଅବସ୍ଥିତ । ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ, ଏହି ଲୁବେନ ପାହାଡ଼ର ନାମାନୁସାରେ ଗଡ଼ଟିର ନାମ ଲୁବେନଗଡ଼ ରଖାଯାଇଛି । ପାହାଡ଼ଗୁଡ଼ିକ କେବଳ ଗ୍ରାମର ସୀମା ନିର୍ଦ୍ଧାରଣ କରେ ନାହିଁ ବରଂ ଅପର ପକ୍ଷରେ ଅସଂଖ୍ୟ ପାହାଡ଼ର ଅବସ୍ଥିତି ଲୁବେନଗଡ଼କୁ ସୁରକ୍ଷା ପ୍ରଦାନ କରେ, ପୂର୍ବପଶ୍ଚିମସ୍ଥିତ ଦୁରାବାଲି ଓ ମୁତୁଙ୍ଗି, ଶ୍ରାମ୍ବୁ ପାହାଡ଼ର ମଧ୍ୟବର୍ତ୍ତୀ ଦୂରତା ପ୍ରାୟ ଏକ କିଲୋମିଟର ହେବ ଏବଂ ଦକ୍ଷିଣ-ଉତ୍ତର ସ୍ଥିତ ଗାସ୍ମା ଓ ଲୁବେନ ପାହାଡ଼ ମଧ୍ୟରେ ପ୍ରାୟ ଦେଢ଼ କି.ମି. ଦୂରତା ହେବ । ଉକ୍ତ ପାହାଡ଼ ସବୁ ଲୁବେନଗଡ଼କୁ ପ୍ରାଚୀର ସଦୃଶ ଘେରି ରହିଛି । ପ୍ରାକୃତିକ ଅବସ୍ଥିତି ଦୃଷ୍ଟିରୁ ଏହି ଲୁବେନଗଡ଼ ଯଥାର୍ଥରେ ଏକ ଦୁର୍ଭେଦ୍ୟ ଦୁର୍ଗ ।

ଯେତେବେଳେ କ୍ୟାମ୍ପବେଲ ଜାଣିଲେ ଯେ, ରେଣ୍ଡୋ ମାଝୀ ଲୁବେନଗଡ଼ରେ ଆତ୍ମଗୋପନ କରିବାକୁ ଯାଇଛନ୍ତି, ତା'ପରେ ସେ ତହସିଲ୍‌ଦାର

ଦୀନବନ୍ଧୁ ପଟ୍ଟନାୟକଙ୍କୁ ସାଥିରେ ନେଇ ସୈନ୍ୟସାମନ୍ତ ସହ ଲୁବେନ୍‌ଗଡ଼କୁ ଆକ୍ରମଣ କଲେ । ସେମାନେ ମୋହନଗିରି - ସୁଡୁରା ରାସ୍ତା ଦେଇ ଲୁବେନଗଡ଼ର ପୂର୍ବ ଦିଗରେ ପହଞ୍ଚିଲେ ।  ଦୁରାବାଲି ପାହାଡ଼ର ପାଦଦେଶରେ ଶତ୍ରୁ ପକ୍ଷକୁ ମୁକାବିଲା କରିବା ପାଇଁ ରେଣ୍ଡୋ ମାଝୀଙ୍କ ବିପ୍ଳବୀ କନ୍ଧ ସେନାନୀ ନିର୍ଭୟରେ ପାରଂପରିକ ହାତହତିଆର ଧରି ଯୁଦ୍ଧକୁ ସମନା କଲେ ।

ଉଭୟଙ୍କ ମଧ୍ୟରେ ତୁମୁଳ ସଂଗ୍ରାମ ହେଲା । ସମଗ୍ର ଲୁବେନ୍‌ଗଡ଼ ଅଞ୍ଚଳ ଯୁଦ୍ଧର ବୀଭିଷିକାରେ ପ୍ରଭାବିତ ହୋଇଥିଲା । ଉଭୟ ପକ୍ଷର ଅସଂଖ୍ୟ ସେନା ଧରାଶାୟୀ ହୋଇଥିଲେ ଏବଂ ଅନେକ ଆହତ ମଧ୍ୟ ହୋଇଥିଲେ । ରେଣ୍ଡୋ ମାଝୀ କିନ୍ତୁ ଇଂରେଜମାନଙ୍କୁ ସେହି ପାହାଡ଼ ଅତିକ୍ରମ କରିବାକୁ ଦେଇନଥିଲେ । ଫିରିଙ୍ଗି ଫଉଜ ପଛଘୁଞ୍ଚା ଦେଇଥିଲା ।  ସତ୍ୟ, ନ୍ୟାୟର ପ୍ରତୀକ ରେଣ୍ଡୋ ମାଝୀଙ୍କର ବିପ୍ଳବୀ ଦେଶଭକ୍ତ ସେନାନୀ ବିଜୟ ଲାଭ କରିଥିଲେ । ସଂଗ୍ରାମୀ ବୀର ରେଣ୍ଡୋ ମାଝୀ ଏବଂ ଅତ୍ୟାଚାରୀ ଇଂରେଜମାନଙ୍କ ମଧ୍ୟରେ ଯେଉଁ ସମତଳ ଭୂଇଁରେ ଯୁଦ୍ଧ ହୋଇଥିଲା ସେହି ସ୍ଥାନ କୁଇ ଭାଷାରେ ପାର୍ପାଭଟା ନାମରେ ପରିଚିତ । ଯାହାକୁ ଆମେ ଯୁଦ୍ଧକ୍ଷେତ୍ର କହୁଛେ । ଏହି ପରାଜୟଟି ମ୍ୟାକ୍‌ନିଏଲଙ୍କ ମନରେ ଘୋର ଆଘାତ ଦେଇଥିଲା । ସେ ଆହୁରି ହିଂସ୍ର ହୋଇଯାଇଥିଲେ । ବାରମ୍ବାର ପରାଜୟ / ଅପମାନର ଗ୍ଲାନିରେ ବ୍ରିଟିଶ୍ ସରକାର ଗକ୍ତ ଘଉଳ ଘେବାଉଥିଲା । ସାଧାରଣ ଆଦିବାସୀଙ୍କ ସାମାନ୍ୟ ଧନୁତୀର ଆଗରେ ସଶସ୍ତ୍ର ସେନା ଏହିପରି ବାରମ୍ବାର ପରାସ୍ତ ହେବା ସମଗ୍ର ଫିରିଙ୍ଗି ଶିବିରରେ ଚହଳ ପକାଇ ଦେଇଥିଲା । ମ୍ୟାକ୍‌ନିଏଲ ସାହେବଙ୍କର ମୁଣ୍ଡ ଗୋଳମାଳ ହୋଇଯାଉଥିଲା । ସେ ପୁଣି ଦୀନବନ୍ଧୁ ପଟ୍ଟନାୟକର ପରାମର୍ଶ ନେବାକୁ ଚାହିଁଲେ । ତହସିଲ୍‌ଦାର ଦୀନବନ୍ଧୁ ପଟ୍ଟନାୟକ ତାଙ୍କର କୁଟିଳ ବୁଦ୍ଧି ପ୍ରୟୋଗ କରି ରେଣ୍ଡୋ ମାଝୀଙ୍କର ସମସ୍ତ ଗୁପ୍ତଭେଦ ସଂଗ୍ରହ କଲେ ।

୧୮୫୩ ମସିହାରେ କେମ୍ପବେଲ କନ୍ଧ ଅଞ୍ଚଳର ବିଭିନ୍ନ ସ୍ଥାନରୁ ମେରିଆ ପୂଜା ଉଚ୍ଛେଦ ପାଇଁ ପଦକ୍ଷେପ ନେଉଥାନ୍ତି । ନିଜ ସାଙ୍ଗରେ କେତେ ଜଣ ଗୋରା ସୈନିକଙ୍କୁ ଧରି କନ୍ଧମାଳ ନିଘଞ୍ଚ ଅରଣ୍ୟ ତଥା ପର୍ବତମାଳାର ନିଭୃତ କୋଣରେ ଥିବା ଗ୍ରାମଗୁଡ଼ିକୁ ଯାଇ ସେ କନ୍ଧମାନଙ୍କୁ ମେରିଆ ପରି ଏକ ଜଘନ୍ୟ ପ୍ରଥାକୁ ବନ୍ଦ

କରିବା ପାଇଁ ବୁଝାଉଥାନ୍ତି । କନ୍ଧମାନେ କିନ୍ତୁ ନିଜ ନିଷ୍ପତ୍ତିରେ ଅଟଳ । ସେମାନଙ୍କ ସଂପ୍ରଦାୟରେ ପ୍ରଚଳିତ ପ୍ରଥା କେବେବି ପରିବର୍ତ୍ତନ ହେବନି ତେଣୁ ସେମାନଙ୍କ ମଧ୍ୟରେ ବାରମ୍ବାର ସଂଘର୍ଷ ହୁଏ । ଅନେକ ଧନଜୀବନ ନଷ୍ଟ ହୁଏ । ତୁମୁଡ଼ିବନ୍ଧରୁ କିଛି ବାଟଗଲେ ରାମପୁର ରାଜ୍ୟ ଏବଂ ତା'ପରେ ସଂକୋଚ ଗଡ଼ ପଡ଼େ । ସେଦିନ ଥାଏ ୧୮୫୩ ମସିହା ପୌଷ ମାସ ଗୁରୁବାର ଶୁକ୍ଳପକ୍ଷ ଦଶମୀ ତିଥି । ଜହ୍ନ ଆଲୋକ ସାଙ୍ଗକୁ ଝିଙ୍କାରିର ଝିଂ ଝିଂ ଶବ୍ଦ । ଏହି ତିଥିରେ ମେରିଆ ପୂଜା ହୁଏ । ମେରିଆ ପୂଜା ପୂର୍ବ ପ୍ରସ୍ତୁତି ସବୁ ସରିଥାଏ । ବଳି ପଡ଼ିବା ପାଇଁ ଆଉ ଅଳ୍ପ ସମୟ ଥାଏ । ଗାଁର ସମସ୍ତ ଜନସାଧାରଣ ଚରମ ମୁହୂର୍ତ୍ତରେ ଅପେକ୍ଷାରେ ଥାଆନ୍ତି ।

ଏହି ସମୟରେ କନ୍ଧ ଅଞ୍ଚଳ ଗସ୍ତରେ ଥିବା ମେଜର କେମ୍ପବେଲ ଓ ତାଙ୍କର ସୈନିକ ମାନେ ସଂକୋଚ ଗଡ଼ ଗାଁରେ ପ୍ରବେଶକଲେ । କନ୍ଧମାନଙ୍କର ମୁଖିଆକୁ ଡାକି ବଳି ନଦେବା ପାଇଁ ପ୍ରବର୍ତ୍ତାଇଥିଲେ । କନ୍ଧମାନଙ୍କର ଇଂରେଜମାନଙ୍କ ପ୍ରତି ମନରେ ଘୃଣା ଭାବ ଆଗରୁ ସୃଷ୍ଟି ହୋଇ ସାରିଥିଲା । କନ୍ଧମାନେ ଭାବିଲେ ଗୋରାସାହେବ କିଛି ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କ ଉପରେ ଆକ୍ରମଣ କରିବ ସେଥିପାଇଁ ଦଳବଦ୍ଧ ହୋଇ ନାନା ପ୍ରକାରର ମାରଣାସ୍ତ୍ରରେ ସଜ୍ଜିତ ହୋଇ ଆକ୍ରମଣ ପାଇଁ ମାଡ଼ି ଆସିଲେ । ଏହା ଦେଖି ଇଂରେଜ ସୈନ୍ୟମାନେ ମଧ୍ୟ ଅବିଳମ୍ବେ ଗୁଳି ଚଳନା ଆରମ୍ଭ କରିଦେଲେ ଫଳରେ ଆଖି ପିଛୁଳାକେ ଉକ୍ତ ସ୍ଥାନଟି ରଣଭୂମି ପାଲଟିଗଲା । ଏହି ସଂଗ୍ରାମରେ ଦୁଇ ପକ୍ଷର ଅନେକ କ୍ଷତି ହେଲା କିଛି ଲୋକ ମୃତ୍ୟୁ ବରଣ କଲେ ଏବଂ କିଛି ଆଘାତ ପ୍ରାପ୍ତ ହେଲେ । ମୁହୂର୍ତ୍ତକ ମଧ୍ୟରେ ପର୍ବ ପାଳନ ପାଇଁ ଅପେକ୍ଷା ରତ ଆନନ୍ଦ ମୁଖର ସଂକୋଚଗଡ଼ ଗାଁଟିରେ ଶୋକର ଛାୟା ଖେଳିଗଲା । ଗୋରା ସୈନିକଙ୍କ ଗୁଳିରେ ଓ କନ୍ଧମାନଙ୍କର ବର୍ଚ୍ଛା, ଧନୁତୀରରେ ଆକ୍ରମଣରେ ରକ୍ତ ରଞ୍ଜିତ ହୋଇଗଲା ସଂକୋଚଗଡ଼ ଗାଁ ।

ଏହି ସମୟରେ ଇଂରେଜ ସରକାର ଅନେକ ଦିନରୁ ଅପେକ୍ଷାରତ ଥିବା ଦେଶପ୍ରେମୀ ସଂଗ୍ରାମୀ ରେଣ୍ଡୋ ମାଝୀଙ୍କୁ ଇଂରେଜମାନେ କୌଶଳକ୍ରମେ ଗିରଫ କରିନେଲେ । କୁଟନୀତି ପାଖରେ ମା'ର ଆଶୀର୍ବାଦ କାମ କରି ନଥିଲା । ଏହିପରି ଏକ ଦୁଃଖଦ ମୁହୁର୍ତ୍ତ କନ୍ଧମାନଙ୍କ ଜୀବନରେ ଆସିବ ବୋଲି ସେମାନେ କେବେ

ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । କୁଟ ଚକ୍ରାନ୍ତ ବଳରେ ଅନାୟାସରେ ରେଣ୍ଡୋ ମାଝୀ ବ୍ରିଟିଶ ହାତରେ ବନ୍ଦୀ ହେଲେ । ମେରିଆ ବଳି (ନରବଳି)ର ମିଥ୍ୟା ଅଭିଯୋଗରେ ବ୍ରିଟିଶ ସରକାର ରେଣ୍ଡୋ ମାଝୀଙ୍କୁ ଗଞ୍ଜାମ ଜିଲ୍ଲାର ରସୁଲକୋଣ୍ଡା ଜେଲ୍‌ରେ ବନ୍ଦୀ କରି ରଖିଲେ । ସେ ସମୟରେ ଯେଉଁମାନେ ବ୍ରିଟିଶ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ ତାଙ୍କୁ ଜେଲ୍ ଭିତରେ ଅକଥନୀୟ ଅତ୍ୟାଚାର କରାଯିବା ସହିତ କେତେଜଣଙ୍କୁ ନିର୍ବାସନ ଦଣ୍ଡ ହିସାବରେ କଳାପାଣି ପଠାଯାଉଥିଲା । ଆଉ କେତେଜଣଙ୍କୁ ମଧ୍ୟ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଉଥିଲା । ରେଣ୍ଡୋ ମାଝୀଙ୍କୁ ଜେଲ ଭିତରେ ଅନେକ ପ୍ରକାରର ଶାରୀରିକ ତଥା ମାନସିକ ନିର୍ଯ୍ୟାତନା ଦିଆଯାଉଥିଲା । ଖାଦ୍ୟ, ପାନୀୟର ଅଭାବ ସହିତ କାରାଗାର ମଧ୍ୟରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରେଣ୍ଡୋ ମାଝୀଙ୍କୁ ଦିନ ବିତାଇବାକୁ ପଡୁଥିଲା । ସେମାନେ ରେଣ୍ଡୋ ମାଝୀଙ୍କ ଉପରେ ଅମାନୁଷିକ ଅତ୍ୟାଚାର କରି ଚକରା ବିଶୋୟୀଙ୍କ ବାବଦରେ ବୁଝିବାକୁ ଚାହୁଁଥିଲେ । ସେଥିପାଇଁ ସେମାନେ ବିଭିନ୍ନ ପ୍ରକାରର ନିର୍ଯ୍ୟାତନା ଦେଇଥିଲେ । ତାଙ୍କ ଶରୀରରୁ ରକ୍ତ ବାହାରୁଥିଲା । ଖାଇବାକୁ ନଦେଇ ଦିନସାରା ଭୋକ ଉପାସରେ ତାଙ୍କୁ ରଖାଯାଉଥିଲା । ତଥାପି ସେ ଅଟଳ ମହାମେରୁ । କେବଳ ସେଇ ଗୋଟିଏ କଥା କହୁଥାନ୍ତି, "ନା ମୁଁ କହିବି ନାହିଁ ।" ସବୁ କଷ୍ଟକୁ ସହିବା ସଙ୍ଗେ ସଙ୍ଗେ ତାଙ୍କ ମନ ମଧ୍ୟରେ ବିଦ୍ରୋହର ନିଆଁ ଉଗ୍ରରୂପ ଧାରଣ କରୁଥିଲା । ସେ କେବଳ ସୁବିଧା ଓ ସୁଯୋଗର ଅପେକ୍ଷାରେ ରହୁଥିଲେ ।

କାରାଗାରରେ ଥିବା ଅନ୍ୟ ସାଥିମାନଙ୍କଠାରୁ ସେ କିଛିଟା ବାହ୍ୟ ଖବର ଆଣୁଥିଲେ । ତାଙ୍କ ଅନୁପସ୍ଥିତିରେ କନ୍ଧମାଳରେ କନ୍ଧମାନଙ୍କର ଅବସ୍ଥା, ଇଂରେଜମାନଙ୍କ ବିରୋଧରେ ବିଦ୍ରୋହ ପାଇଁ କେତେ ଦୂର ପ୍ରସ୍ତୁତି ଆଗେଇବା ଆଦି ବାବଦରେ କେତେକ ବିଶେଷ ଖବର ସଂଗ୍ରହ କରୁଥିଲେ ।

ରେଣ୍ଡୋ ମାଝୀଙ୍କର କାରାବରଣ ଯୋଗୁଁ କନ୍ଧମାନଙ୍କର ଜଣେ ବୀର ସଂଗଠକ । ସ୍ୱାଧୀନତା ସଂଗ୍ରାମୀ, ଜାତିଭାଇଙ୍କର ସୁଖଦୁଃଖର ସାଥିଙ୍କର ସ୍ଥାନ ଶୂନ୍ୟ ପଡ଼ିଥିଲା । ଏହାକୁ ପୂରଣ କଲେ ଅନ୍ୟତମ କନ୍ଧ ସର୍ଦ୍ଦାର ଚକରା ବିଶୋୟୀ । ଇଂରେଜମାନେ ଅନେକ ଅଞ୍ଚଳ ଖାନତଲାସ କଲାପରେ ମଧ୍ୟ ଚକରା ବିଶୋୟୀଙ୍କୁ

ଧରିବା ପାଇଁ ସକ୍ଷମ ହୋଇ ନଥିଲେ । ବୌଦ୍ଧ ଅଞ୍ଚଳରୁ ମଦନପୁର-ରାମପୁରକୁ ଆସି ଚକରା ବିଶୋୟୀ ସେଠାକାର କନ୍ଧମାନଙ୍କୁ ଏକାଠି କରି ବିଦ୍ରୋହ ଚଲୁ ରଖିଥିଲେ । ସେ ସମୟରେ କନ୍ଧମାନେ ବହୁ ସଂଖ୍ୟାରେ ଆସି ଚକରା ବିଶୋୟୀଙ୍କୁ ସାହାଯ୍ୟ ସହଯୋଗ କରୁଥିଲେ ଏବଂ ତାଙ୍କ ସହ ମିଶି ବ୍ରିଟିଶ ସରକାର ବିରୋଧରେ ସଂଗ୍ରାମ ଚଳାଇଥିଲେ । କାରଣ ସେମାନେ ଅନୁଭବ କରିଥିଲେ ଯେ ଯଦି ଇଂରେଜ ଶାସକମାନଙ୍କ କବଳରୁ ମାତୃଭୂମିକୁ ରକ୍ଷା କରା ନଯାଏ ତେବେ ଧିରେ ଧିରେ ସେମାନଙ୍କର ନିଜସ୍ୱ ପରମ୍ପରା ଓ ସଂସ୍କୃତି ଅଚିରେ ଲୋପ ପାଇଯିବ । ଇଂରେଜମାନଙ୍କର ସେମାନଙ୍କର ଧର୍ମ, ସଂସ୍କୃତି, ପରମ୍ପରା ଉପରେ ଅଯଥା ହସ୍ତକ୍ଷେପକୁ ସେମାନେ ବରଦାସ୍ତ କରିପାରୁ ନଥିଲେ । ନିଜର ଜଙ୍ଗଲ, ଡଙ୍ଗରରୁ ଚଷ କରି ଫସଲ ଉତ୍ପାଦନ କରିବା ତଥା ଅନ୍ୟାନ୍ୟ ବନ୍ୟଜାତ ସାମଗ୍ରୀ ସବୁ ସଂଗ୍ରହ କରିବା ଉପରେ ମଧ୍ୟ ବିଦେଶୀ ଅଙ୍କୁଶକୁ ସେମାନେ ସହ୍ୟ କରି ପାରୁନଥିଲେ । ମାଟି ଖୋଳି ଶସ୍ୟ ଉତ୍ପାଦନ କରିବା ପାଇଁ ପୁଣି ବିଦେଶୀଙ୍କୁ କର ଦେବା କଥା ପଡ଼ିଲେ ପ୍ରତିଶୋଧ ନେବା ପାଇଁ କନ୍ଧମାନେ ରଣ ହୁଙ୍କାର ଦେଇ ସଂଗ୍ରାମ ପାଇଁ ପ୍ରସ୍ତୁତ ହୋଇ ଯାଉଥିଲେ ।

**ଶେଷ ସଂଗ୍ରାମ :**

ରେଣ୍ଡୋ ମାଝୀଙ୍କୁ ଗିରଫ କରାଯାଇ ଜେଲ ଭିତରେ ରଖାଯାଇଥିଲା । ରେଣ୍ଡୋ ମାଝୀଙ୍କ ପରେ ମେରିଆ ପ୍ରଥା ବନ୍ଦ ହୋଇଯାଇଥିବ ଏ ବିଶ୍ୱାସ ଇଂରେଜମାନଙ୍କର ନଥିଲା । ସେମାନେ ଭଲ ଭାବରେ ଜାଣିଥିଲେ ଯେ, ରେଣ୍ଡୋ ମାଝୀଙ୍କ ପରିବର୍ତ୍ତେ ଚକରା ବିଶୋୟୀ ହିଁ କନ୍ଧମେଳି ଆରମ୍ଭ କରିଛନ୍ତି ଏବଂ ନିକଟ ଭବିଷ୍ୟତରେ ବିପ୍ଳବ ପାଇଁ ପ୍ରସ୍ତୁତ ହେଉଛନ୍ତି । ୧୮୫୫ ମସିହାରେ ଲେଫ୍‌ଟନାଣ୍ଟ ମ୍ୟାକନିଏଲ୍‌କୁ ବ୍ରିଟିଶ ସରକାର ମେରିଆ ପ୍ରଥା ବନ୍ଦ କରିବା ପାଇଁ କଳାହାଣ୍ଡିକୁ ପ୍ରେରଣ କରିଥିଲେ । ପୂର୍ବ ପ୍ରଶାସକମାନଙ୍କର ଶତ ଚେଷ୍ଟା ଫଳରେ ମଧ୍ୟ କନ୍ଧମାନେ ମେରିଆ ପର୍ବରେ ନରବଳି ପ୍ରଥା ବନ୍ଦ କରିନଥିବା କଥା ଜାଣି ପାରି ମ୍ୟାକ୍‌ନିଏଲ୍ ସାହେବ ଏକ ନୂତନ ଧରଣର କାର୍ଯ୍ୟପନ୍ଥା ଅନୁସରଣ କଲେ । ତେଣୁ ଇଂରେଜ ଅଫିସର ମ୍ୟାକ୍‌ନିଏଲ୍ ସାହେବ, କନ୍ଧମାନଙ୍କୁ ଭୟଭୀତ କରାଇବା

ଲାଗି କାରାଗାରରେ ବନ୍ଦୀ ଅବସ୍ଥାରେ ଥିବା ରେଣ୍ଡୋ ମାଝୀଙ୍କର ଦୁଇ ହାତ, ଗୋଡ ଓ ଅଣ୍ଟାରେ ଲୁହାର ଶିକୁଳି ବାନ୍ଧି ସିପାହୀଙ୍କ ଘେରରେ କନ୍ଧ ଅଞ୍ଚଳରେ ବୁଲାଇଲେ । ଏହା ଫଳରେ କନ୍ଧମାନେ ଅଧିକ ଉତ୍ତେଜିତ ହୋଇଥିଲେ । ୧୮୫୫ ମସିହା ଡିସେମ୍ବର ୧୦ ତାରିଖ ଉର୍ଲାଦାନୀରେ ଲେଫ୍‌ଟନାଣ୍ଟ ମ୍ୟାକ୍‌ନିଏଲ୍, ଗୋରା ସିପାହୀମାନଙ୍କ ସହ ରେଣ୍ଡୋ ମାଝୀଙ୍କୁ ବନ୍ଦୀ ଅବସ୍ଥାରେ ଧରି ସେନା ଛାଉଣୀ ପକାଇ ରହିଲେ । ସେମାନେ ଭାବିଥିଲେ ଯେ, ଏହାଦ୍ୱାରା ନିରୀହ ସରଳ କନ୍ଧମାନେ ଭୟଭୀତ ହୋଇଯିବେ ଏବଂ ତାଙ୍କର ସବୁ ଆଦେଶ ମାନି ଚଳିବେ ଏବଂ ସେମାନେ ମେରିଆ ପରି ଗୋଟିଏ ଜଘନ୍ୟ ପ୍ରଥାକୁ ବନ୍ଦ କରିଦେବେ । କନ୍ଧମାନେ ତାଙ୍କ ସର୍ଦ୍ଦାରଙ୍କ ଏପରି ଚରମ ଦୁର୍ଦ୍ଦଶା ଦେଖି ଆଉ ସଂଗ୍ରାମ କରିବାକୁ ସତ୍ ସାହାସ କରିବେ ନାହିଁ । କିନ୍ତୁ ଘଟଣା ଭିନ୍ନ ଥିଲା । ରେଣ୍ଡୋ ମାଝୀଙ୍କ ବ୍ୟତିରକେ ମାର୍ଣ୍ଣି ମାଝୀ ଏବଂ ଚକରା ବିଶୋୟୀଙ୍କ ନେତୃତ୍ୱରେ ବିଦ୍ରୋହୀ ନେତାମାନେ ପ୍ରତିଶୋଧ ପରାୟଣ ହୋଇ ରକ୍ତରଉଳ ଖେଳିବାଉଥିଲେ, ତାଙ୍କର ପ୍ରିୟ ନେତାଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚରର ଉଚିତ ଜବାବ୍ ଦେବା ପାଇଁ ସେମାନେ ପ୍ରସ୍ତୁତ ହୋଇସାରିଥିଲେ ।

ଉର୍ଲାଦାନୀ ଗ୍ରାମ ନିକଟରେ ମ୍ୟାକ୍‌ନିଏଲ୍ ସାହେବ ସିପାହୀମାନଙ୍କୁ ନେଇ ଶିବିର ପକାଇଥିବା ସମୟରେ କନ୍ଧମାନେ ରେଣ୍ଡୋ ମାଝୀଙ୍କୁ ମୁକ୍ତ କରିବା ପାଇଁ ଧନୁ ତୀର, ବର୍ଚ୍ଛା, ଟାଙ୍ଗିଆ, କଟୁରୀ ଆଦି ମାରଣାସ୍ତ୍ରରେ ସଜ୍ଜିତ ହୋଇ ବିଦେଶୀ ଶତ୍ରୁଙ୍କ ଉପରେ ମାରଣାନ୍ତକ ଆକ୍ରମଣ ଆରମ୍ଭ କରିଦେଲେ । ମ୍ୟାକ୍‌ନିଏଲ୍ ସାହେବ ସଂକଟର ସମ୍ମୁଖୀନ ହେଲେ । ସେନା ଛାଉଣୀ ତାଙ୍କ ପାଇଁ ମରଣ ଯନ୍ତା ପାଲଟି ଯାଇଥିଲା । ଗୁଳିଗୋଳା, ଧନୁତୀର, ଟାଙ୍ଗିଆ, ବର୍ଚ୍ଛା ଓ ରଣହୁଙ୍କାରେ ଉର୍ଲାଦାନୀ ଅଞ୍ଚଳ ସ୍ତମ୍ଭୀଭୂତ ହୋଇଯାଇଥିଲା । ଏହି ସୁଯୋଗକୁ ଦେଖି ଠିକ୍ ସମୟରେ ଦୀନବନ୍ଧୁ ପଟ୍ଟନାୟକ ବହୁ ସଂଖ୍ୟକ ସୈନ୍ୟ ନେଇ ଚଢ଼ାଉ କଲେ ବିଦ୍ରୋହୀ କନ୍ଧଜନତାଙ୍କ ଉପରେ ।

ହଜାର ହଜାର କନ୍ଧମାନେ ଆକ୍ରମଣର ମୁକାବିଲା ଆରମ୍ଭ କରିଦେଲେ । ଗୁଳି, ବାରୁଦ, ବନ୍ଧୁକଧାରୀ, ଗୋରା ସୈନିକଙ୍କ ସହିତ କନ୍ଧମାନଙ୍କ ତୁମୁଳ

ସଂଘର୍ଷ ଚାଲିଲା । ଫିରିଙ୍ଗି ଗୋଳାବାରୁଦ ସମ୍ମୁଖରେ ଏମାନଙ୍କ ଧନୁତୀର, ଟାଙ୍ଗିଆ, ବର୍ଚ୍ଛା, ଖଣ୍ଡା କେତେ କାଳ ବା ପ୍ରତିରୋଧ କରିପାରନ୍ତା । ତଥାପି ଅସଂଖ୍ୟ ଇଂରେଜ ଫଉଜ୍ ହଣା ଖାଇଲେ । ଜନନୀ କୋଳରେ ଶହଶହ କନ୍ଧବୀର ସଂଘର୍ଷ କରି କରି ଲୋଟି ପଡୁଥାନ୍ତି । ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ କନ୍ଧମାନେ ନିଜ ବିରତ୍ୱର ପରାକାଷ୍ଠା ଦେଖାଇ ଚାଲିଥିଲେ ।

ତହସିଲ୍‌ଦାର ଦୀନବନ୍ଧୁ ପଟ୍ଟନାୟକଙ୍କ ଯୋଗୁଁ ରକ୍ଷା ପାଇଗଲେ ମ୍ୟାକ୍‌ନିଏଲ ଓ ଇଂରେଜ ଫଉଜ । ଦେଶ ମାତୃକାକୁ ନିଜର ସମସ୍ତ ବୁଦ୍ଧିବଳ ଖଟାଇ ମଧ୍ୟ ବିଦେଶୀମାନଙ୍କ କବଳରୁ ରକ୍ଷା କରିପାରିଲେ ନାହିଁ କନ୍ଧ ସେନାନୀ । ଏହିପରି ଏକ ରକ୍ତାକ୍ତ ତଥା ମର୍ମନ୍ତୁଦ ସଂଘର୍ଷରେ ଇଂରେଜ ସୈନିକମାନଙ୍କର ଜିତାପଟ ହୋଇଥିଲେ ମଧ୍ୟ କନ୍ଧମାନଙ୍କର ମନରେ ବ୍ରିଟିଶ ଶାସକ ତଥା ଶାସନ ପ୍ରତି ଘୃଣା ତଥା ପ୍ରତିଶୋଧ ମନୋଭାବ ପ୍ରଶମିତ ହୋଇନଥିଲା ।

କ୍ରୋଧରେ ଜର୍ଜରିତ ହୋଇ ମ୍ୟାକ୍‌ନିଏଲ୍ ସାହେବ ଫଉଜ ହାତରୁ ବନ୍ଧୁକ ଛଡ଼ାଇ ଆଣି ଆଖିପିଛୁଳାକେ ଗୁଳି ଫୁଟାଇ ଦେଇଥିଲେ ସୁଯୋଗ୍ୟ ସନ୍ତାନ ରେଣ୍ଡୋ ମାଝୀଙ୍କ ବିଶାଳ ଛାତି ଉପରେ । ନିମିଷକେ ରେଣ୍ଡୋ ମାଝୀ ଭୂମିରେ ଟଳି ପଡ଼ିଲେ । ସ୍ତବ୍ଧ ହୋଇ ଯାଇଥିଲା, ଉର୍ଲାଦାନୀର ଆକାଶ । କିଛିକ୍ଷଣ ପାଇଁ ସବୁ ସ୍ଥିର ହୋଇ ଯାଇଥିଲା ।

ଚିରଦିନ ପାଇଁ ଦେଶ, ଜାତି, ମାତୃଭୂମିର ମୁକ୍ତି ପାଇଁ ଶୋଇଗଲେ ରେଣ୍ଡୋ ମାଝୀ । ଉର୍ଲାଦାନୀର ନିଘଞ୍ଚ ବନ ପ୍ରାନ୍ତରରେ ନିଜ ବୁକୁର ଲାଲ୍ ରକ୍ତରେ ରକ୍ତାକ୍ତ କରିଦେଲେ ମାଟି ମା'କୁ ।

ମା' ହରାଇଲା ତା'ର ବୀର ପୁତ୍ରକୁ । ଏ ଦେଶ, ଏ ଜାତି ହରାଇଲା ଏକ ମହାନ୍ ବ୍ୟକ୍ତିତ୍ୱକୁ, ମହାନ ନେତୃତ୍ୱକୁ ପ୍ରକୃତି ପୂଜାରୀକୁ, ଦୁଃଖିରଙ୍କିଙ୍କର ସାଥିକୁ ।

ପରିବେଶଟି ତା'ପରେ କୋଳାହଳମୟ ହୋଇଉଠିଲା । ପରେ ପରେ ଗୁଳିଗୋଳା ବାରୁଦ ବିନିମୟରେ ସ୍ତମ୍ଭୀଭୂତ ହୋଇଗଲା ଗଗନ ପବନ । ଚତୁର୍ଦ୍ଦିଗ ଅନ୍ଧକାରମୟ ହୋଇଗଲା । ଗୋଳାବାରୁଦର ଶବ୍ଦ ଓ ଅନ୍ଧକାର ଭିତରେ ହଜିଗଲା

ସବୁକିଛି କିଛିକ୍ଷଣ ପାଇଁ ସମସ୍ତଙ୍କ ହୃତସ୍ପନ୍ଦନ ବନ୍ଦ ହୋଇଗଲା, ବିଦ୍ରୋହୀ ନେତାମାନଙ୍କ ପାଦତଳୁ ପୃଥିବୀ ଖସିଗଲା ପରି ଅନୁଭବ କଲେ ହଜିଗଲା କିଛିକ୍ଷଣ ପାଇଁ ବିଦ୍ରୋହର ସ୍ଲୋଗାନ । ଚତୁର୍ଦ୍ଦିଗ କରି ପକାଇଲା ଶୋକାକୁଳ ।

ନିଜ ଲୋକଙ୍କର ଅଧିକାରର ସୁରକ୍ଷା ପାଇଁ ରେଣ୍ଡୋ ମାଝୀଙ୍କ ପରି ବୀର ସନ୍ତାନଙ୍କ ଜୀବନ ଗୋରା ସିପାହୀଙ୍କ ବନ୍ଧୁକ ମୁନରେ ଚାଲିଯାଇଥିଲେ ହେଁ ତାଙ୍କର ତ୍ୟାଗ ପାଇଁ ସେ କନ୍ଧମାନଙ୍କର ଯେମିତି ସ୍ମରଣୀୟ ହୋଇ ରହିଛନ୍ତି, ବନବାସୀ ସମାଜର ସେହିପରି ଆଦର୍ଶ ହୋଇ ରହିଛନ୍ତି ।

ଆଦିବାସୀ ସମାଜରେ କେବଳ ଯେ ଜଣେ ରେଣ୍ଡୋ ମାଝୀ କିମ୍ବା ଚକରା ବିଶୋୟୀ ଜନ୍ମ ହୋଇଥିଲେ ତାହା କହିବା ଠିକ୍ ହେବନି ଏମାନଙ୍କ ପରି ଆହୁରି ଅନେକ ନେତା ନିଜର ମାତୃଭୂମିକୁ ଏବଂ ନିଜର ଜାତିକୁ ବାହ୍ୟ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ଅନେକ ଥର କାରାବରଣ କରିଥିବେ । ସେମାନେ କେତେ ଅତ୍ୟାଚାର, ଶୋଷଣ ଲୁଣ୍ଠନ ତଥା ଶାରୀରିକ ଓ ମାନସିକ ନିର୍ଯ୍ୟାତନା ସହ୍ୟ କରିଛନ୍ତି ତାର ହିସାବ ନାହିଁ । ଆହୁରି ଅନେକ ନିଜ ଜନ୍ମ ଭୂମିର ସ୍ୱାଧୀନତା ପାଇଁ ହସି ହସି ଫାଶୀ ଖୁଣ୍ଟିରେ ଝୁଲି ଯାଇଛନ୍ତି ତ କେହି କେହି ବନ୍ଧୁକ ମୁନରେ ଶହୀଦ ହୋଇଛନ୍ତି । ବଣ ଜଙ୍ଗଲ ଘେରା ଦୁର୍ଗମ ଇଲାକାରେ ରହୁଥିବା ପ୍ରଚାର ଭିରୁ ଅନେକ ସ୍ୱାଭିମାନୀ ସଂଗ୍ରାମୀଙ୍କର ଜୀବନ ଆଜି ମଧ୍ୟ ଲୋକ ଆଡୁଆଳରେ ରହିଯାଇଛି । ଶହୀଦ୍ ରେଣ୍ଡୋ ମାଝୀଙ୍କ କର୍ମଜୀବନକୁ ଅନୁଧ୍ୟାନ କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ।

## ଭବିଷ୍ୟତ ପିଢ଼ି ପାଇଁ ରେଣ୍ଡୋ ମାଝୀଙ୍କ ଆହ୍ୱାନ:

ଜନଜାତିର ସାମାଜିକ ଓ ଧାର୍ମିକ ଚେତନା ସହିତ ବନ୍ଧା ରେଣ୍ଡୋ ମାଝୀ ତା' ମାଟିମା' ଧରଣୀ ପେନୁଙ୍କ ପୂଜା ଏବଂ ପାରମ୍ପରିକ ସଂସ୍କୃତିର ପକ୍ଷ ନେଇ ଲାଗି ପ୍ରାଣବଳୀ ଦେଲେ ସତ କିନ୍ତୁ କନ୍ଧ ଜନଜାତିରେ ସମଗ୍ର ବିଦ୍ରୋହ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହେବ ଏଥିରେ ସନ୍ଦେହ ନାହିଁ । ଏହା ମଧ୍ୟ ଆଗାମୀ ପିଢ଼ି ପାଇଁ ଜାତୀୟତା ଭାବ ଉଦ୍ରେକ କରିବ । ଅଦମନୀୟ ଇଚ୍ଛାଶକ୍ତି, ଜାତି ପ୍ରୀତି ଓ ମାତୃଭକ୍ତି ରେଣ୍ଡୋ

ମାଝୀଙ୍କୁ ସିନା ଶହୀଦ କରିଦେଲା କିନ୍ତୁ ୧୮୫୫ ପରେ ବ୍ରିଟିଶ ଶାସନ ବିରୋଧରେ କନ୍ଧ ଜନଜାତିର ଆନ୍ଦୋଳନର ଉଦ୍ଦୀପନା ସମଗ୍ର କଳାହାଣ୍ଡି ଜିଲ୍ଲାରେ ବ୍ରିଟିଶ ଶାସନ ବିରୁଦ୍ଧରେ ସଂଗ୍ରାମ କରିବା ପାଇଁ ସଂଗ୍ରାମର ବହ୍ନିକୁ ପ୍ରଜ୍ୱଳିତ କରି ରଖିଥିଲା ।

ରେଣ୍ଡୋ ମାଝୀ ଖାଲି କଳାହାଣ୍ଡି ଜିଲ୍ଲା ନୁହେଁ ବରଂ ଓଡ଼ିଶାର ଜଣେ ଅନନ୍ୟ ପ୍ରତିଭା । ଦେଶ ମାତୃକାର ମୁକ୍ତି ସଂଗ୍ରାମରେ ତାଙ୍କର ସ୍ଥାନ ଅପୁରଣୀୟ ଏବଂ ଅବର୍ଣ୍ଣନୀୟ । ଭବିଷ୍ୟତର ପିଢ଼ିଙ୍କ ପାଇଁ ରେଣ୍ଡୋ ମାଝୀ ଏକ ଆଦର୍ଶ । ଆନୁଷ୍ଠାନିକ ଶିକ୍ଷା ନଥାଇ ସୁଦ୍ଧା ସେ ନିଜର ସଂସ୍କୃତି, ପରମ୍ପରା ଏବଂ ଦେଶ ପାଇଁ ଉପଯୁକ୍ତ ମାର୍ଗ ପ୍ରଦର୍ଶନ କରିପାରିଥିଲେ । ସଂସ୍କୃତି, ପରମ୍ପରା, ଦେଶ ସର୍ବୋପରି ଜାତିଭାଇଙ୍କ ସୁରକ୍ଷା ନିମନ୍ତେ ସେ ନିଜ ଜୀବନ ଉତ୍ସର୍ଗ କରିଥିଲେ । ରେଣ୍ଡୋ ମାଝୀ ଆମର ଚିରନମସ୍ୟ । ତାଙ୍କର ଆଦର୍ଶ, ନିଷ୍ଠା, ଦାୟୀତ୍ୱବୋଧତା, କର୍ତ୍ତବ୍ୟ ପରାୟଣତା ପାଇଁ ସେ ଆମ ପାଖରେ ଚିରପୂଜ୍ୟ । ସେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ । ଅନୁନ୍ନତ ଅଞ୍ଚଳରେ ବାସ କରି ସୁଦ୍ଧା ତାଙ୍କର ଜନ୍ମଭୂମି ପାଇଁ ତ୍ୟାଗ ଅବର୍ଣ୍ଣନନୀୟ । ସେ ଆମ ପାଇଁ ଅଭୁଲା ସ୍ମୃତି ଏବଂ ଅପୁରଣୀୟ କ୍ଷତି । ଧନ୍ୟ ରେଣ୍ଡୋ ମାଝୀ ଅଗମ୍ୟ କଳାହାଣ୍ଡିର ଜନନାୟକ ଆଜି ସ୍ୱାଧୀନତାର ବର୍ଷ ପରେ ମଧ ଯାହାଙ୍କ ସାହାସ ଓ ଉଦ୍ଦୀପନା ବେଳେ ବେଳେ ଏ ଜନଜାତିରେ ଦେଖିବାକୁ ମିଳେ ।

## ରେଣ୍ଡୋ ମାଝୀଙ୍କ ପ୍ରାସଙ୍ଗିକତା :

ରେଣ୍ଡୋ ମାଝୀ କେବଳ ଜଣେ ବ୍ୟକ୍ତି ନୁହଁନ୍ତି, ଏକ ସତ୍ତା, ଏକ ଅନୁଷ୍ଠାନ ଯାହା ଜନ୍ମଭୂମି ଉର୍ଲାଦାନୀ ସମେତ ସମଗ୍ର କଳାହାଣ୍ଡି ଜିଲ୍ଲାରେ ପ୍ରସାରିତ । ଜନମାନସରେ ତାଙ୍କର ତ୍ୟାଗ ତଥା ପ୍ରାଣବଳୀକୁ ସଂଜୀବିତ କରି ରଖିବା ପାଇଁ କଳାହାଣ୍ଡିରେ ଅନେକ ଅନୁଷ୍ଠାନ ସଂପ୍ରତି ଗଢି ଉଠିଛି । ଶହୀଦ୍ ରେଣ୍ଡୋ ମାଝୀ ଉଚ୍ଚବିଦ୍ୟାଳୟ, ରେଣ୍ଡୋ ମାଝୀ ଶିଶୁ ଶ୍ରମିକ ବିଦ୍ୟାଳୟ, ଶହୀଦ୍ ରେଣ୍ଡୋ ମାଝୀ ସ୍ମୃତି କମିଟି ପରି ବହୁ ଅନୁଷ୍ଠାନ ନିଜ ନିଜ କ୍ଷେତ୍ରରେ ରେଣ୍ଡୋ ମାଝୀଙ୍କର ଆଦର୍ଶକୁ ପାଥେୟ କରି ନିଜ ନିଜ କ୍ଷେତ୍ରରେ କାର୍ଯ୍ୟ କରି ଚାଲିଛନ୍ତି ।

ଉର୍ଲାଦାନୀ ଗ୍ରାମରେ ୨୦୦୫ ମସିହା ଏପ୍ରିଲ୍ ୨୧ ତାରିଖଠାରୁ ଶହୀଦ୍ ରେଣ୍ଡୋ ମାଝୀ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯାଇଛି ।

ସ୍କୁଲର ସଭାପତି ପ୍ରଫୁଲ ନାୟକଙ୍କ କହିବା ଅନୁଯାୟୀ ଉର୍ଲାଦାନୀ ପଞ୍ଚାୟତରେ କୌଣସି ଉଚ୍ଚବିଦ୍ୟାଳୟ ନଥିଲା । ପିଲାମାନେ ପାଠ ପଢିବା ପାଇଁ ଏଠାରୁ ୧୨ କି.ମି.ଦୂର ରାମପୁର ନଚେତ ୨୦ କି.ମି. ଦୂର ତୁମୁଡିବନ୍ଧରେ ଥିବା ଉଚ୍ଚବିଦ୍ୟାଳୟକୁ ପାଠ ପଢିବା ପାଇଁ ଯାଉଥିଲେ । ପାହାଡ଼ିଆ, ଜଙ୍ଗଲିଆ ରାସ୍ତାରେ ଏତେବାଟ ଯାଇ ପାଠ ପଢିବା ସବୁ ପିଲାଙ୍କ କ୍ଷେତ୍ରରେ ସମ୍ଭବ ହେଉନଥିଲା । ବିଶେଷ କରି ଝିଅପିଲାମାନେ ଉଚ୍ଚଶିକ୍ଷା କ୍ଷେତ୍ରରୁ ବଞ୍ଚିତ ହେବାର ଏହା ହିଁ ଥିଲା ମୁଖ୍ୟ କାରଣ । ଏହି ସମସ୍ୟାକୁ ଆଖି ଆଗରେ ରଖି ଶହୀଦ୍ ରେଣ୍ଡୋ ମାଝୀ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । କୌଣସି ସରକାରୀ ଅନୁଦାନ ବିନା ବିଦ୍ୟାଳୟଟି ସ୍ଥାନୀୟ ଲୋକଙ୍କ ଆର୍ଥିକ ଅନୁଦାନରେ ଚାଲିଛି ବୋଲି କୁହନ୍ତି ବିଦ୍ୟଳୟର ସଂପାଦକ ଧନସିଂହ ମାଝୀ । ଉର୍ଲାଦାନୀର ପଞ୍ଚାୟତର ପ୍ରତିପରିବାର ମାସିକ ୧ କେ.ଜି. ଚାଉଳ କିମ୍ବା ୫ଟଙ୍କା ବିଦ୍ୟାଳୟକୁ ଦାନ କରିଥାନ୍ତି । ସେହି ଅର୍ଥରେ ବିଦ୍ୟାଳୟର ପରିଚାଳନା ହୋଇଥାଏ ।

## ଉର୍ଲାଦାନୀ ବିକାଶ ପରିଷଦ:

ଉର୍ଲାଦାନୀ ଗ୍ରାମ ପଞ୍ଚାୟତର ସର୍ବାଙ୍ଗିନ ବିକାଶ ପାଇଁ ସ୍ଥାନୀୟ ବ୍ୟକ୍ତିଙ୍କର ଦ୍ୱାରା ଉର୍ଲାଦାନୀ ବିକାଶ ପରିଷଦ ଗଠିତ ହୋଇଛି । ଉକ୍ତ ପରିଷଦରେ ସ୍ଥାନୀୟ ଲୋକଙ୍କର ସମସ୍ୟାଗୁଡ଼ିକୁ ସମାଧାନ କରାଯାଇ ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟକ୍ରମ ସବୁ କରାଯାଉଛି ।

## ଶହୀଦ ରେଣ୍ଡୋ ମାଝୀ ସ୍ମୃତି କମିଟି:

ମହାନ ବିପ୍ଳବୀ ନେତା ଶହୀଦ୍ ରେଣ୍ଡୋ ମାଝୀଙ୍କ ଦେଶ ତଥା ସଂସ୍କୃତି ପାଇଁ ସ୍ୱାର୍ଥ ତ୍ୟାଗ ତଥା ବଳୀଦାନ ଦିବସକୁ ମନେ ରଖିବା ଓ ସ୍ମୃତି ଚାରଣ ପାଇଁ ପ୍ରତିବର୍ଷ ଡିସେମ୍ବର ମାସ ୧୦ ତାରିଖ ଦିନ ଉର୍ଲାଦାନୀସ୍ଥ ରେଣ୍ଡୋ ମାଝୀ ସ୍ମୃତି ପୀଠଠାରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥାଏ । ମହାନ ନେତୃବୃନ୍ଦଙ୍କ

ସମେତ ବୁଦ୍ଧିଜୀବି ତଥା ସ୍ଥାନୀୟ ଜନସାଧାରଣ ମିଶି ଏହିଦିନ ରେଣ୍ଡୋ ମାଝୀଙ୍କର ସ୍ମୃତିଚାରଣ କରିଥାନ୍ତି ।

ଇତିହାସର ପୃଷ୍ଠା ମଣ୍ଡନ କରିନଥିଲେ ସୁଦ୍ଧା ସର୍ଦ୍ଦାର ରେଣ୍ଡୋ ମାଝୀ ଜନମାନସରେ ଅଦ୍ୟାବଧି ବଞ୍ଚି ରହିଛନ୍ତି । ତାଙ୍କର ଆଦର୍ଶ, ପୌରୁଷ ଏଜାତିକୁ ଏବେ ମଧ୍ୟ ଦିଗଦର୍ଶନ ଦେଉଛି ।